

## ଭୁବନେଶ୍ୱର ସିଟି

## ଦୁଇ ଅଧ୍ୟାପକଙ୍କୁ ଚୂନ ଲଗେଇଦେଲେ ସାଇବର୍ ଠକ

### ବିଡିଓ ପରିଚୟ ଦେଇ ନେଇଗଲେ ୪୦ ହଜାର

ଭୁବନେଶ୍ୱର/ବାଲିପାଟଣା, ୨୯।୬ (ସମିସ): ବାଲିପାଟଣା ଥାନା ଓଡ଼ଖଣ୍ଡ ମହାବିଦ୍ୟାଳୟର ୨ ଜଣ ଅଧ୍ୟାପକ ସାଇବର୍ ଠକଙ୍କ ଫାଶରେ ପଡ଼ିଛନ୍ତି। ସାଇବର୍ ଠକ ନିଜକୁ ବାଲିପାଟଣା ବ୍ଲକ୍‌ର ବିଡିଓ ପରିଚୟ ଦେଇ ୪୦ ହଜାର ଟଙ୍କା ଠକି ନେଇଛନ୍ତି। ଅଭିଯୋଗ ଅନୁଯାୟୀ, ସାଇବର୍ ଠକ ନିଜକୁ ବିଡିଓ ବୋଲି ପରିଚୟ ଦେଇ କଲେଜ ଓଡ଼ଖଣ୍ଡ କଲେଜ ଅଧ୍ୟକ୍ଷା ସାଗରିକା ମହାନ୍ତିଙ୍କୁ କଲ୍ କରିଥିଲା। ନିଜକୁ ବାଲିପାଟଣା ବ୍ଲକର ବିଡିଓ ବୋଲି ପରିଚୟ ଦେଇଥିଲା। କଲେଜକୁ ସରକାରଙ୍କ ତରଫରୁ ମାକ୍ସ ପାଇଁ ୪୦ ହଜାର ଟଙ୍କା ଆସିଛି ଓ କଲେଜ ଆକାଉଣ୍ଟରେ କୌଣସି ତ୍ରୁଟି ଥିବାରୁ ଟଙ୍କା ଟ୍ରାନ୍ସଫର୍ ହୋଇ ପାରୁନାହିଁ ବୋଲି କହିଥିଲା। କଲେଜର ୨/୩ ଜଣ କର୍ମଚାରୀଙ୍କ ଫୋନେ ପେ’ ନମ୍ବର ଦେଲେ ଟଙ୍କା ଛଡ଼ାଯିବ ବୋଲି ସାଇବର ଠକ କହିଥିଲା। ବ୍ଲକରୁ ଫୋନ ଆସିଥିବା ଭାବି କଲେଜ ଅଧ୍ୟକ୍ଷା ଅର୍ଥନୀତି ବିଭାଗ ଅଧ୍ୟାପକ ଅତନୁ କୁମାର ପଣ୍ଡା, ଓଡ଼ିଆ ଅଧ୍ୟାପକ ନାଥ ବିଶ୍ୱାଳ ଓ ପଦାର୍ଥ ବିଜ୍ଞାନ ଡେମୋନେଷ୍ଟ୍ରେଟର ନୃସିଂହ ଚରଣ ସ୍ୱାଇଁଙ୍କ ଫୋନେ ପେ’ ନମ୍ବର ଦେଇଥିଲେ। ପରବର୍ତ୍ତୀ ସମୟରେ କଲେଜ ଛାତ୍ରଛାତ୍ରୀ ସଂଖ୍ୟା ବୁଝିବା ଆଳରେ ୬୦ ହଜାର ଟଙ୍କା ଆସିଥିବା ଠକ ଜଣଙ୍କ ଅଧ୍ୟାପକଙ୍କୁ କହିଥିଲା। ଏଥିସହିତ ଓଟିପି ମାଗିଥିଲା। ଓଟିପି ଦେବାର କିଛି ସମୟ ମଧ୍ୟରେ ଓଡ଼ିଆ ଓ ଅର୍ଥନୀତି ବିଭାଗର ୨ ଅଧ୍ୟାପକଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା କଟି ଯାଇଥିବା ଫୋନକୁ ମେସେଜ ଆସିଥିଲା। ସମାନ ଢଙ୍ଗରେ ଶିଶୁ ଅନନ୍ତ ମହାବିଦ୍ୟାଳୟ ଓ ବନମାଳୀପୁର କଲେଜ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଫୋନ୍ ଆସିଥିଲା। ହେଲେ ସେମାନେ ଠକାମୀରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏନେଇ ସେମାନେ ସାଇବର୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଦରିଆ ପାରିରୁ ଅଦୃଶ୍ୟ ଜାଲ

- ବିଦେଶୀରେ ଲୁଚିଛନ୍ତି ସାଇବର୍ ଠକ
- ୨୧ ମହାଠକଙ୍କ ନାମରେ ଜାରି ଏଲ୍‌ଓସି
- ଧରିବାକୁ ଲୋଡ଼ାଯିବ ଇଣ୍ଟର୍‌ପୋଲର ସହାୟତା
- ଠକେଇ ପଛରେ ଚାଇନା, ହଙ୍ଗେରୀ ନାଗରିକ

ଭୁବନେଶ୍ୱର, ୨୯ ।୬(ସମିସ):

ସାରା ଦେଶରେ ବିଦେଶୀ ମହାଠକଙ୍କ ମାୟାଜାଲ। ଡିଜିଟାଲ୍ ଦୁନିଆରେ ବିଦେଶରେ ରହି ଅପରେଟ୍ କରୁଛନ୍ତି ବିଦେଶୀ ଠକ। ଚାଇନା, ଦୁବାଇ, ହଂକଂ ଓ ମାଲେସିଆରୁ ଠକେଇର ନେଟ୍‌ୱର୍କର ମୂଳଦୁଆ ପଡୁଛି। ଲୋଭନୀୟଅଫର୍, ଭାରତୀୟଙ୍କୁ ମୋଟାଅଙ୍କର ଦରମା ଆଳ ଦେଖାଇ କୋଟି କୋଟି ଟଙ୍କା ଠକି ନେଉଛନ୍ତି ଦରିଆ ପାରିର ଠକ। ଲୋନ୍-ଆପ୍, ଗେମ୍-ଆପ୍ ଓ ନିଯୁକ୍ତି ଆପ୍‌ର ଠକେଇ ଲିଙ୍କ୍ ଖୋଳତାଡ଼ କରିବା ପରେ ବିଦେଶୀ ଠକଙ୍କ ସମ୍ପୃକ୍ତି ପଦାକୁ ଆସୁଛି। ଓଡ଼ିଶାରେ ଦିନକୁ ଦିନ ବିଦେଶୀ ଠକଙ୍କ ତାଲିକା ବଢ଼ିବା ସହ ଠକେଇ ବଢୁଥିବାରୁ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ ହେଉଛି, କିନ୍ତୁ ବିଦେଶରେ ରହି ଅପରେଟ୍ କରୁଥିବାରୁ ସେମାନଙ୍କୁ ଗିରଫ କରିପାରୁନି ଇଓଡବ୍ଲ୍ୟୁ। ବିଦେଶ ଆଇନ ପାଇଁ ସେମାନଙ୍କୁ ଗିରଫ କରିବା ଏତେଟା ସହଜ ନୁହେଁ। ସେଥିପାଇଁ ଭାରତରୁ ଠକେଇ କରି ବିଦେଶକୁ ପଳାଉଛନ୍ତି। ତେଣୁ ବ୍ୟୁରୋ ଅଫ୍ ଇମିଗ୍ରେସନ (ବିଓଆଇ)ର ସହାୟତା ବିଦେଶୀ ଠକଙ୍କୁ ଧରିବା ଲାଗି ଲୁକ୍ ଆଉଟ୍ ସର୍କ୍ୟୁଲାର(ଏଲ୍‌ଓସି) ଜାରିକରୁଛି ଇଓଡବ୍ଲ୍ୟୁ।

ରାଜ୍ୟରେ ଗତ ଅଢ଼େଇ ବର୍ଷରେ ୨୧ଜଣ ମହାଠକଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କ୍ୟୁଲାର ଜାରି ହୋଇଛି। ଏଥିରେ ୧୦ଜଣ ଚାଇନା ଓ ଜଣେ ହଙ୍ଗେରୀ ନାଗରିକଙ୍କ ସମେତ ୧୨ଜଣ ଭାରତୀୟ ରହିଛନ୍ତି। କିନ୍ତୁ ଠକେଇରେ ସମ୍ପୃକ୍ତି ରହିଥିବା ଠକ କ୍ରାଇମ୍‌ବ୍ରାଞ୍ଚ ହାତ ପାହାନ୍ତାରୁ ବହୁ ଦୂରକୁ ଯାଇ ବିଦେଶରେ ଲୁଚିଛନ୍ତି। ସେମାନଙ୍କୁ ଧରିବା ଲାଗି ଦେଶର ସମସ୍ତ ବିମାନବନ୍ଦର, ବନ୍ଦର ଓ ପ୍ରମୁଖ ରେଳ ଷ୍ଟେସନଗୁଡ଼ିକୁ ଏମାନଙ୍କର ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ପଠାଯାଇଛି। ଏପରିକି ଠକଙ୍କୁ ଠାବ କରିବା ଲାଗି ଇଣ୍ଟରପୋଲ୍‌ର ସହାୟତା ଲୋଡ଼ାଯାଇଛି। ଏମିତିକି ଇଓଡବ୍ଲ୍ୟୁ ପକ୍ଷରୁ ବିଦେଶୀ ଠକଙ୍କ ଆର୍ଥିକ କାରବାର ବିଷୟରେ ଖୋଳତାଡ଼ କରାଯାଉଛି। ସେମାନଙ୍କ ଆକାଉଣ୍ଟକୁ ଅଚଳ କରିବା ସହ ସମ୍ପତ୍ତିକୁ ବାଜ୍ୟାପ୍ତି କରିବା ଲାଗି ପ୍ରକ୍ରିୟା ଜାରିରହିଛି।

ପ୍ୟାନ୍ ଇଣ୍ଡିଆ ଅନ୍‌ଲାଇନ୍ ପୋଞ୍ଜି ସ୍କିମ୍‌ରେ ଭାରତରୁ ୧୦୦ କୋଟି ଟଙ୍କା ଠକେଇ ମାମଲାରେ ଚୀନ ନାଗରିକଙ୍କ ସମ୍ପୃକ୍ତି ପଦାକୁ ଆସିଥିଲା। ସେମାନେ ହେଲେ ଗୁଆନହ୍ୱାନ ୱାଙ୍ଗ୍, ଲିଉ ହୁଆନ୍, ୱେନହୁଇ ହେଙ୍ଗ୍, ଏକ୍ସୟୁ ଜିଆଲୁ, ଶେନ୍ ଜେନ୍‌ହୁଆ ଓରଫ ଟୋନି, କ୍ୱାନ ହୋଙ୍ଗ୍‌ୱି ଓରଫ୍ ପଲ୍, ସିତୁଆନ୍ ୟାଙ୍ଗ୍ ହାଇୟିଙ୍ଗ୍ ଓରଫ ଡୋରିସ୍, ଏକ୍ସିନ ପିଙ୍ଗ, ଲିୟୁ ୟିର। ସେମାନଙ୍କ ଧରିବା ଲାଗି ଇଓଡବ୍ଲ୍ୟୁ ପକ୍ଷରୁ ବ୍ୟୁରୋ ଅଫ୍ ଇମିଗ୍ରେସନ୍ (ବିଓଆଇ)ର ସହାୟତା ଲୋଡ଼ାଯାଇଛି। ବିଦେଶୀ ଠକମାନେ ଦେଶ ଛାଡ଼ି ପଳାଇଥିବା ବେଳେ ସେମାନଙ୍କୁ ଇଣ୍ଟର୍‌ପୋଲ ଖୋଜୁଛି। ସେହିପରି ଏସ୍‌ଟିଏ କ୍ରିପ୍ଟୋ ଟୋକେନ୍ ଠକେଇ ମାମଲାରେ ଦେଶର ମୁଖ୍ୟ ସମେତ ୩ ଜଣଙ୍କ ନାମରେ ଲୁକ୍‌ଆଉଟ୍ ସର୍କ୍ୟୁଲାର ଜାରି ହୋଇଥିଲା। ସେମାନେ ହେଲେ ଡେଭିଡ୍ କେଜ୍, କ୍ରିଷ୍ଣା କୁମାର, ଅନୀଲ କୁମାର ଓ ଭୁରା ରାମ୍। ସେଭଳି ଫ୍ଲାଟ୍ ଯୋଗାଇବା ଆଳରେ ୨୦ କୋଟି ଟଙ୍କା ଠକେଇ କରି ଆତ୍ମସାତ୍ କରିଥିବା ବିଲ୍ଡର ସଂସ୍ଥାର ମୁଖ୍ୟ ମନୋଜ କୁମାର ପଣ୍ଡାଙ୍କ ବିରୋଧରେ ଇଓଡବ୍ଲ୍ୟୁ ପକ୍ଷରୁ ଜାରି ହୋଇଛି ଲୁକ୍ ଆଉଟ୍ ସର୍କୁଲାର। ସେହିଭଳି ଋଣ ଠକେଇ କରୁଥିବା ଏକ ଫାଇନାନ୍ସ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଦୀପକ କିଣ୍ଡୋଙ୍କ ବିରୋଧରେ ବି ଲୁକ୍ ଆଉଟ୍ ସର୍କୁଲାର ଜାରିକରିଛି ଇଓଡବ୍ଲ୍ୟୁ।




### ୯ ଦେଶରେ ଠକେଇର ନେଟ୍‌ୱର୍କ

ଭାରତ ସମେତ ୯ ଦେଶରେ ଠକେଇର ନେଟ୍‌ୱର୍କ ବିଛାଇଛନ୍ତି ବିଦେଶୀ ଠକ। ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ, ଭୁଟାନ ଭଳି ଦେଶରେ ଏମାନେ ସକ୍ରିୟ ରହିଛନ୍ତି। ଆଉ ଗୋଟିଏ ପରେ ଗୋଟିଏ ଦେଶଙ୍କୁ ଏମାନଙ୍କ ସାମ୍ରାଜ୍ୟ ବଢ଼ିବାରେ ଲାଗିଛି। ତେଣୁ ସମ୍ପୃକ୍ତ ଦେଶଗୁଡ଼ିକ ସମେତ ଅନ୍ୟ ଦେଶର ଲ’ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିଙ୍କୁ ଅଭିଯୁକ୍ତ ଠକଙ୍କ କାରନାମା ବାବଦରେ ଅବଗତ ସହ ସେମାନଙ୍କ ଫଟୋ ଜାରି କରାଯିବ। ଲୋନ୍ ଆପ୍‌ରେ ରୋଜଗାର କରିବାର ଲୋଭ ଦେଖାଇ ନିବେଶକଙ୍କ ଠାରୁ କୋଟି କୋଟି ଟଙ୍କା ଚଳୁ କରୁଛନ୍ତି। ସେପରି ଅନ୍‌ଲାଇନ୍‌ରେ କ୍ରିପ୍ଟୋ କରେନ୍ସି ଧରି ଗେମ୍-ଆପ୍, ବେଟିଂ ଆପ୍ ଜରିଆରେ ଅଧିକ ଠକେଇ ହେଉଛି। ଟଙ୍କା ବିନିଯୋଗ କରୁଥିବା ବ୍ୟକ୍ତିଙ୍କୁ ଦି’ଗୁଣା କରିବାର ପ୍ରଲୋଭନ ଦେଖାଇ ଠକେଇ କରୁଛନ୍ତି। ଠକେଇର ଅଭିଯୋଗ ପରେ ଓଡ଼ିଶା ପୁଲିସ, ହାଇଦରାବାଦ, ଦିଲ୍ଲୀ, ମହାରାଷ୍ଟ୍ର, ତେଲେଙ୍ଗାନା ପୁଲିସ ମିଳିତ ଭାବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସହ ତଦନ୍ତ କରୁଥିବାରୁ ଭଲ ସଫଳତା ମିଳୁଛି ବୋଲି ଇଓଡବ୍ଲ୍ୟୁର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଟ୍ରାଫିକ୍ କନଷ୍ଟେବଲ ଉପରେ ଚଢ଼ିଗଲା ଟ୍ରକ୍



ଭୁବନେଶ୍ୱର, ୨୯ ।୬(ସମିସ): ନୂଆପଲ୍ଲୀ ଥାନା ଜୟଦେବ ବିହାର ଫ୍ଲାଏଓଭର ଉପରେ ଏକ ଅଜଣା ଟ୍ରକ୍ ଧକ୍କାରେ ଜଣେ ଟ୍ରାଫିକ୍ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ମୃତ କନଷ୍ଟେବଲ ହେଲେ ମଧୁସୂଦନ କ୍ରିସାନି। ଟ୍ରକ୍‌ଟି ତାଙ୍କ ମୁଣ୍ଡ ଉପରେ ଚଢ଼ାଇ ପଳାଇଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ନୂଆପଲ୍ଲୀ ଥାନା ଅଧିକାରୀ, ଟ୍ରାଫିକ୍ ଥାନାର ଇନ୍ସପେକ୍ଟର ପହଞ୍ଚିଥିଲେ। ଲୋକଙ୍କୁ ବୁଝାସୁଝା କରି ମୃତଦେହ ଜବତ କରି କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇ ଦେଇଛନ୍ତି। ସୂଚନା ଅନୁସାରେ, ମଧୁସୂଦନଙ୍କ ଘର ପଶ୍ଚିମ ଓଡ଼ିଶା ହୋଇଥିବା ବେଳେ ଜାଗମରାରେ ରହୁଥିଲେ। ରାତି ୯ଟା ପରେ ସେ ରାମ ମନ୍ଦିର ଟ୍ରାଫିକ୍ ପୋଷ୍ଟରୁ କାର୍ଯ୍ୟସାରି ବାଇକ୍‌ରେ ଘରକୁ ବାହାରିଥିଲେ। ଏପରିକି ଘର ଲୋକଙ୍କୁ ଖାଇବାକୁ କରି ରଖିଥାଅ, ୧୦ ମିନିଟ୍‌ରେ ପହଞ୍ଚୁଛି ବୋଲି କହିଥିଲେ। କିନ୍ତୁ ବର୍ଷା ହେଉଥିବାରୁ ସେ ତରବର ହୋଇ ବହାରି ଆସିଥିଲେ। ଜୟଦେବ ବିହାର ଓଭରବ୍ରିଜ୍ ଉପରେ ଏକ ଅଜଣା ଟ୍ରକ୍ ତାଙ୍କୁ ପ୍ରଥମେ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବା ପରେ ତାଙ୍କ ମୁଣ୍ଡ ଉପରେ ଟ୍ରକ୍ ଚଢ଼ି ଯାଇଥିଲା। ବର୍ଷା ହେଉଥିବାରୁ ପଛରେ ଆସୁଥିବା ଟ୍ରକ୍‌ଟି ଦେଖି ନ ପାରି ଚଢ଼ାଉ ଦେଇଥିବା କୁହାଯାଉଛି। ପୁଲିସ ସିସିଟିଭି ଫୁଟେଜ ଆଧାରରେ ଗାଡ଼ିକୁ ଚିହ୍ନଟ କରୁଛି।

**ରାମ ମନ୍ଦିର ଛକରୁ ଡ୍ୟୁଟି ସାରି ଫେରୁଥିଲେ**

## ଅଢ଼େଇ ଲକ୍ଷର ଗାଡ଼ି ପାର୍ଟସ ଚୋରି

ଭୁବନେଶ୍ୱର, ୨୯।୬ (ସମିସ): ନୀଳାଦ୍ରି ବିହାର ଅଞ୍ଚଳରେ ଥିବା ଏକ ପାର୍ଟସ ଦୋକାନରୁ ଚୋରି ହୋଇଛି। ଦୁଇ ମୁଖା ପିନ୍ଧା ଲୁଟେରା ଦୋକାନ ଗେଟ୍ ଭାଙ୍ଗି ଚୋରି କରିଛନ୍ତି। ଦୋକାନ ମାଲିକ ଭବାନୀ ପ୍ରସାଦ ବେହେରା ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନୀଳାଦ୍ରି ବିହାର ଅଞ୍ଚଳରେ ଗାଡ଼ି ପାର୍ଟସ ଦୋକାନ କରିଥିବା ଭବାନୀ ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୩ ଟାରେ ୨ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଆସି ତାଙ୍କ ଗେଟ୍ ଭାଙ୍ଗି ଦୋକାନରେ ପଶିଥିଲେ। ଦୋକାନ ଭିତରୁ ଗାଡ଼ିର ଦାମୀ ପାର୍ଟସ ଚୋରି କରି ନେଇଥିଲେ। ଏଥିସହିତ ଡ୍ର ଭିତରେ ଥିବା ୧୮ ହଜାର ଟଙ୍କା ମଧ୍ୟ ଚୋରି କରି ନେଇଛନ୍ତି। ଶନିବାର ସକାଳୁ ପଡ଼ୋଶୀ ଦୋକାନୀଙ୍କ ଠାରୁ ଖବରପାଇ ଭବାନୀ ଦୋକାନକୁ ଆସି ଚୋରି ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ସେ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି।

## ତଦନ୍ତରେ ବାଟ ଓଗାଳିଛି ଶବ ବ୍ୟବଚ୍ଛେଦ ରିପୋର୍ଟ

ଭୁବନେଶ୍ୱର, ୨୯ ।୬(ସମିସ) : ହତ୍ୟା ମାମଲାରେ ପୁଲିସ ପାଇଁ ଶବ ବ୍ୟବଚ୍ଛେଦ ରିପୋର୍ଟ ହେଉଛି ମୁଖ୍ୟ ପ୍ରମାଣ। ଯଦି ପୁଲିସକୁ ଶବ ବ୍ୟବଚ୍ଛେଦ ରିପୋର୍ଟ ପାଇବାରେ ସମସ୍ୟା ହୁଏ, ତେବେ ମାମଲାର ଦିଗ ମଧ୍ୟ ବଦଳି ଯିବାର ସମ୍ଭାବନା ରହିଛି। କାରଣ ଅନେକ ମାମଲାରେ ଅଭିଯୁକ୍ତ ହତ୍ୟା କରି ଝୁଲାଇ ଦେଇଥିଲେ ମଧ୍ୟ ହତ୍ୟା ବୋଲି ଜଣାପଡ଼େ ନାହିଁ। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ପରି ଲାଗେ। ପୁଲିସ ଏହାକୁ ମଧ୍ୟ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। କିନ୍ତୁ ପରବର୍ତ୍ତୀ ସମୟରେ ବ୍ୟବଚ୍ଛେଦ ରିପୋର୍ଟରେ ହତ୍ୟା ବୋଲି ସ୍ପଷ୍ଟ ହେବା ପରେ ପୁଲିସ ୩୦୨ରେ ହତ୍ୟା ମାମଲା ରୁଜୁ କରୁଛି। ଏହା ନିର୍ଭର କରୁଛି ଡାକ୍ତରଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଉପରେ। କିନ୍ତୁ ବର୍ତ୍ତମାନ ତଦନ୍ତରେ ବାଟ ଓଗାଳୁଛି ଶବ ବ୍ୟବଚ୍ଛେଦ ରିପୋର୍ଟ। ଶବ ବ୍ୟବଛେଦ ରିପୋର୍ଟ କ୍ୟାପିଟାଲ ହସ୍ପିଟାଲରୁ ପାଇବାକୁ ହେଲେ ମାସ ମାସ ଅପେକ୍ଷା କରିବାକୁ ପଡୁଛି। ଜଣେ ଡାକ୍ତର ଶବ ବ୍ୟବଚ୍ଛେଦ କରୁଥିବାରୁ ହେଉଛି ସମସ୍ୟା। ସେଥିପାଇଁ ବ୍ୟବଚ୍ଛେଦ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି। କେବଳ ଶବ ବ୍ୟବଚ୍ଛେଦ ରିପୋର୍ଟ ନୁହେଁ ଭିସେରା ରିପୋର୍ଟ ଏବଂ ଡାଏଟମ୍ ରିପୋର୍ଟ ପାଇବାରେ ମଧ୍ୟ ସମସ୍ୟା ହେଉଛି। ଅତି ସମ୍ବେଦନଶୀଳ ମାମଲାରେ ପୁଲିସ ବ୍ୟବଚ୍ଛେଦ ରିପୋର୍ଟ ଏବଂ ଭିସେରା ରିପୋର୍ଟ ଦେବାକୁ ଚିଠି ଲେଖିଥାଏ। କିନ୍ତୁ ଫୋରେନ୍‌ସିକ୍ ଲ୍ୟାବ୍ ରିପୋର୍ଟ ଦେବାରେ ବିଳମ୍ବ ଯୋଗୁଁ ମାମଲା ଶିଥିଳ ହୋଇଯାଉଛି। ଯାହାର ସୁଯୋଗରେ ଅଭିଯୁକ୍ତ ମଧ୍ୟ ଧରାପଡ଼ିବା ପରେ ଫେରାର ହୋଇଯାଇଥାଏ। ରିପୋର୍ଟ ପାଇବା ପରେ ପୁଲିସ ହତ୍ୟାକାରୀ ନିକଟରେ ପହଞ୍ଚିବା କଷ୍ଟକର ହୋଇଥାଏ।

### ବିଳମ୍ବ କରୁଛି ଫୋରେନ୍‌ସିକ୍ ଲାବ୍

ଯେଉଁ ମୃତ୍ୟୁର କୌଣସି ଜଟିଳତା ଥାଏ, ଯେଭଳି ପାଣିରୁ ଅଚିହ୍ନା ଶବ ଉଦ୍ଧାର ହୋଇଥିଲେ ପ୍ରକୃତରେ ଏହା ହତ୍ୟା ନା ଆତ୍ମହତ୍ୟା ଜାଣିବା ପାଇଁ ରସୁଲଗଡ଼ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରିକୁ ଡାଏଟମ୍ ପରୀକ୍ଷା ପାଇଁ ପଠାଯାଏ। ଡାଏଟମ୍ ପରୀକ୍ଷା ପାଇଁ ଶବର ପେଟରୁ ସଂଗ୍ରହ ହୋଇଥିବା ପାଣି ଓ ଉକ୍ତ ଜଳାଶୟର ପାଣିକୁ ମେଳ କରାଯାଏ। ସେହିଭଳି ରାସ୍ତା ପାର୍ଶ୍ୱରୁ କୌଣସି ବ୍ୟକ୍ତିଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ହୋଇଥିଲେ ଫାରେନ୍‌ସିକ୍ ଲ୍ୟାବ୍ ସହିତ ଲାବରେଟୋରିକୁ ଭିସେରା ପରୀକ୍ଷା ପାଇଁ ପଠାଯାଏ। କୌଣସି ପ୍ରକାର ବିଷକ୍ରିୟ ମୃତ୍ୟୁ ଘଟିଥିଲେ ସ୍ପଷ୍ଟ ହେବ। କିନ୍ତୁ ଏବେ ଏହି ରିପୋର୍ଟ ଦେବାରେ ବିଳମ୍ବ ହେଉଛି। ଅନେକ ସମୟରେ ଲାବଟୋରୀରେ ପରୀକ୍ଷା ପାଇଁ ରଖାଯାଇଥିବା ରକ୍ତ ଆଉ ମାଂସ ପଚିଯାଇଥିବାରୁ ତାହା ନଷ୍ଟ ହୋଇଯାଉଛି। ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ମୃତ ବ୍ୟକ୍ତି ମଧ୍ୟ ନ୍ୟାୟ ପାଇପାରୁନି। ଭିସେରା ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ହସ୍ପିଟାଲର ଡାକ୍ତର ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ଦେଉ ନ ଥିବା ଅଭିଯୋଗ ହେଉଛି।

### ଦାଖଲ ହୋଇପାରୁନି ଚାର୍ଜସିଟ୍

ତଥ୍ୟ ଅନୁସାରେ କ୍ୟାପିଟାଲ୍ ହସ୍ପିଟାଲ ୩ ବର୍ଷରେ ୨ ହଜାରରୁ ଅଧିକ ଶବ ବ୍ୟବଚ୍ଛେଦ କରାଯାଇଛି। କିନ୍ତୁ ୩୦ ପ୍ରତିଶତ ବ୍ୟବଚ୍ଛେଦ ରିପୋର୍ଟ ଦେବାରେ ବିଳମ୍ବ ହେଉଛି। ଯାହାକି ବହୁଦିନ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିକଟରେ ପଡ଼ିରହୁଛି। ଯେଉଁଥି ପାଇଁ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ୍ ବିଳମ୍ବରେ ଦାଖଲ କରୁଛି। ଫଳରେ ମାମଲା ଶୁଣାଣିରେ ମଧ୍ୟ ବିଳମ୍ବ ହେଉଛି।



**ସମ୍ପତ୍ତି ହସ୍ତାନ୍ତର ମେଳା**

# ଫେରସ୍ତ ହେଲା ୩୦ ସୁନାଚେନ୍, ୧୪୩ ମୋବାଇଲ୍

ଭୁବନେଶ୍ୱର, ୨୯ ।୬(ସମିସ):

ଚୋରି ସାମଗ୍ରୀ ଉଦ୍ଧାର କରିବା ପରେ ସେଗୁଡ଼ିକୁ ପ୍ରକୃତ ମାଲିକଙ୍କୁ ଫେରସ୍ତ କରିବାର ପ୍ରକ୍ରିୟା ଗତ ଦୁଇବର୍ଷ ହେଲା ଜୋର୍‌ଦାର କରିଛି କମିସନରେଟ୍ ପୁଲିସ। ଏହିକ୍ରମରେ ଶନିବାର କମିସନରେଟ୍ ପୁଲିସ ମୁଖ୍ୟାଳୟରେ ସମ୍ପତ୍ତି ହସ୍ତାନ୍ତର ମେଳା କରାଯାଇ ଲୋକଙ୍କୁ ସେମାନଙ୍କୁ ଜିନିଷ ଫେରସ୍ତ କରାଯାଇଛି। ଚୋରି, ଲୁଟ କିମ୍ବା ହଜିଯାଇଥିବା ୧୪୩ଟି ମୋବାଇଲ୍‌ଫୋନ, ୩୦ଟି ସୁନାଚେନ୍, ଗୋଟିଏ ଟ୍ରକ, ୩ଟି ଦୁଇଚକିଆ ଯାନ ଏବଂ ଗୋଟିଏ ଲାପଟପ୍ ଫେରସ୍ତ କରାଯାଇଛି। ହସ୍ତାନ୍ତର ହୋଇଥିବା ମୋବାଇଲ୍‌ଗୁଡ଼ିକ ମଧ୍ୟରୁ ଓସିପିଓ ସେଲ ୬୦, ସହିଦନଗର ଥାନା ୨୦, ଭରତପୁର ଥାନା ୧୧, କ୍ୟାପିଟାଲ ଥାନା ୧୦ଟି, ମଞ୍ଚେଶ୍ୱର ଥାନା ୮ଟି, ଧଉଳି ଥାନା, ବାଲିଅନ୍ତା ଥାନା, ଲିଙ୍ଗରାଜ ଥାନା, ମୈତ୍ରୀ ବିହାର ଥାନା ଅଞ୍ଚଳରୁ ୫ଟି ଲେଖାଏଁ ମୋବାଇଲ୍ ଫୋନ ଉଦ୍ଧାର କରାଯାଇଥିଲା। ସେହିଭଳି ଲକ୍ଷ୍ମୀସାଗର, ଖଣ୍ଡଗିରି, ନୂଆପଲ୍ଲୀ, ପାହାଳ, ଏୟାରପୋର୍ଟ, ତମାଣ୍ଡୋ ଓ ଚନ୍ଦ୍ରଶେଖରପୁର ଥାନା ପୁଲିସ ଦ୍ୱାରା ୨ଟି ଲେଖାଏଁ ମୋବାଇଲ୍ ଫୋନ ଉଦ୍ଧାର ହୋଇଥିଲା।

ସେହିପରି ହସ୍ତାନ୍ତର ହୋଇଥିବା ଅନ୍ୟାନ୍ୟ ଜିନିଷଗୁଡ଼ିକ ମଧ୍ୟରେ ଖାରବେଳନଗର ଥାନା ତରଫରୁ ଗୋଟିଏ ସ୍କୁଟି, ବାଲିଅନ୍ତା ପୁଲିସ ଦ୍ୱାରା ଗୋଟିଏ ଟ୍ରକ୍ ଓ ଦୁଇଟି ମଟରସାଇକଲ, ଚନ୍ଦ୍ରଶେଖରପୁର ଥାନା ଗୋଟିଏ ଲ୍ୟାପ୍‌ଟପ ଉଦ୍ଧାର କରାଯାଇଥିବା ବେଳେ, ପିଓପିଡି ଓ ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ୩୦ଟି ସୁନାଚେନ ଉଦ୍ଧାର କରାଯାଇଥିଲା। ଏହି ଉଦ୍ଧାର କରାଯାଇଥିବା ମୋବାଇଲ୍ ଫୋନ, ସୁନା ଅଳଙ୍କାର, ଲ୍ୟାପ୍‌ଟପ ତଥା ମଟରଯାନର ମାଲିକାନା ଯାଞ୍ଚ ପରେ ସେମାନଙ୍କର ପ୍ରକୃତ ମାଲିକଙ୍କୁ ଯୋଗାଯୋଗ କରାଯାଇଥିଲା। ଶନିବାର ପୁଲିସ କମିସନର୍ ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂହଙ୍କ ଉପସ୍ଥିତିରେ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା।

**ଚୋରି ଟ୍ରକ୍ ଫେରି ପାଇଲେ ମାଲିକ**



### ୬ ମାସରେ ୧୫୭୫ ମୋବାଇଲ୍ ଚୋରି

ଭୁବନେଶ୍ୱରରୁ କେଉଁଠୁ ନା କେଉଁଠୁ ପ୍ରତିଦିନ ମୋବାଇଲ୍ ଚୋରି ହେଉଛି। ଚୋରି ହେବା ପରେ ଫୋନ୍‌ର ସନ୍ଧାନ ମିଳିବା କାଠିକର ପାଠ ହୋଇପଡୁଛି। ଚୋରି ମୋବାଇଲ୍ ଫୋନ୍‌ରେ ଅପରାଧ ଲାଗି ଷଡ଼ଯନ୍ତ୍ର ରଚୁଛନ୍ତି ଦୁର୍ବୃତ୍ତ। ଗତ ୬ ମାସରେ ୧୫୭୫ଟି ଫୋନ୍ ଚୋରି ହୋଇଛି। ସେଥିରୁ ୯୪୬ଟି ମୋବାଇଲ୍ ଫୋନ ଉଦ୍ଧାର କରାଯାଇଥିବା ବେଳେ ସେଥିରୁ ୮୯୧ଟି ମୋବାଇଲ ଫୋନ୍ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଫେରସ୍ତ କରାଯାଇଛି।

### ଛିନ୍‌ତାଇ ହୋଇଥିଲା ମଙ୍ଗଳସୂତ୍ର; ମିଳିଲା ସୁନାଚେନ୍

ଗତ ଡିସେମ୍ବର ମାସରେ ବଡ଼ଗଡ଼ ଥାନା ଅଞ୍ଚଳର ମହିଳା କଟକ ଅଭିମୁଖେ ଯାଉଥିଲେ। ଜୟଦେବ ବିହାର ଓଭରବ୍ରିଜ ଉପରେ ଦୁଇଜଣ ଯୁବକ ପଛରୁ ଆସି ତାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପି ନେଇଥିଲେ। ମହିଳାଙ୍କ ବେକରୁ ୧୧ ଗ୍ରାମ୍ ମଙ୍ଗଳସୂତ୍ର ଲୁଟି ନେଇଥିଲେ। ମଙ୍ଗଳସୂତ୍ର ଚୋରି ହେବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୭ ମାସ ପରେ ମଙ୍ଗଳସୂତ୍ର ବଦଳରେ ତାଙ୍କୁ ଏକ ସୁନାଚେନ୍ ଫେରାଇଛି। ଚୋର ଠାରୁ ଚୋରି ଜିନିଷ ମିଳିଥିବାରୁ ସେ ଖୁସି ହୋଇଛନ୍ତି ସତ, କିନ୍ତୁ ମଙ୍ଗଳସୂତ୍ର ମିଳିଥିଲେ ବେଶି ଖୁସି ହୋଇଥାନ୍ତେ ବୋଲି କହିଛନ୍ତି। ଏହି ମହିଳା ଜଣକ ନୁହେଁ ଲୁଟର ଶିକାର ହୋଇଥିବା ଅନେକ ବ୍ୟକ୍ତିଙ୍କୁ ନିଜ ସୁନା ବଦଳରେ ନୂଆ ସୁନାଚେନ୍ ଦିଆଯାଇଛି।

## ସ୍ୱାମୀଙ୍କୁ ମାଡ଼, ସ୍ତ୍ରୀଙ୍କଠାରୁ ସୁନା ଚେନ୍ ଲୁଟ୍; ୧ ଗିରଫ

ଭୁବନେଶ୍ୱର, ୨୯।୬ (ସମିସ): ସ୍ୱାମୀଙ୍କୁ ମାଡ଼ମାରି ସ୍ତ୍ରୀଙ୍କ ବେକରୁ ସୁନା ଚେନ୍ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏସ୍ ପୀତାମ୍ବର ରେଡ୍ଡୀ (୪୪)। ପୁଲିସ ସୂଚନା ଅନୁସାରେ, ଗାଡ଼ି ଭଡ଼ାରେ ନେଉଥିବା ରଶ୍ମିରଞ୍ଜନ ମୁଦୁଲି ଓ ତାଙ୍କ ପତ୍ନୀ ଶୁକ୍ରବାର ଗ୍ରାହକଙ୍କୁ ଆଣିବା ଲାଗି ନିଜ କାର୍ ନେଇ ଝରଣା ସାହିକୁ ଯାଇଥିଲେ। ସେଠାରେ ପୀତାମ୍ବର ତାଙ୍କ କାର୍‌କୁ ଅଟକାଇ ୫ ହଜାର ଟଙ୍କା ଦେବା ଲାଗି କହିଥିଲା। ରଶ୍ମିରଞ୍ଜନ ଓ ତାଙ୍କ ପତ୍ନୀ ଟଙ୍କା ଦେବା ଲାଗି ମନା କରିବାରୁ ପୀତାମ୍ବର ହଠାତ ଉତ୍ତ୍ୟକ୍ତ ହୋଇ ଉଭୟଙ୍କୁ ସେଠାରେ ମାଡ଼ ମାରିବା ସହିତ ତାଙ୍କ ପତ୍ନୀଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଶ୍ରୀ ମୁଦୁଲି ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ପୀତାମ୍ବରକୁ ଗିରଫ କରିବା ସହିତ ଲୁଟ୍ ହୋଇଥିବା ସୁନା ଚେନ ଜବତ କରିଛି।





# ରାଜଧାନୀରେ ସନ୍ଦିଗ୍ଧ ଡିପ୍‌ଥେରିଆ ରୋଗୀ



ରକ୍ତ ନମୁନା ସଂଗ୍ରହ କରିଛି ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୨୯ ।୬(ସମିସ): ଚଳିତ ଜୁନମାସରେ ରାୟଗଡ଼ା ଜିଲ୍ଲାରେ ଡିପ୍‌ଥେରିଆ ରୋଗୀଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଚହଳ ସୃଷ୍ଟି ହୋଇଥିଲା ବେଳେ ଏବେ ରାଜଧାନୀରେ ମଧ୍ୟ ଡିପ୍‌ଥେରିଆ ରୋଗୀ ବାହାରିଥିବା ସନ୍ଦେହ କରାଯାଉଛି । ସମ୍ପୃକ୍ତ ରୋଗୀଙ୍କ ଘର ପୋଖରିପୁଟର ଅଞ୍ଚଳରେ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କ ନାମ ଗୋପନ ରାଖାଯାଇଛି । ସେ କିଛିଦିନ ଧରି ଅସୁସ୍ଥ ଥିଲେ । ତାଙ୍କୁ ନିଃଶ୍ୱାସ ନେବା ବେଳେ କଷ୍ଟ ଅନୁଭବ ହେଉଛି । ତେଣୁ ତାଙ୍କୁ ଡିପ୍‌ଥେରିଆ ହୋଇଥିବା ନେଇ ଅନୁମାନ କରାଯାଉଛି । ଏହି ଖବର ମିଳିବା ମାତ୍ରେ ସଜାଗ ହୋଇ ଉଠିଛି ସ୍ୱାସ୍ଥ୍ୟ ବିଭାଗ । ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନରେ ଯାଇଛି । ଦିନ ବେଳେ ପୋଖରିପୁଟ ଯାଇଥିବା ସ୍ୱାସ୍ଥ୍ୟ ବିଭାଗର ଏହି ଟିମ୍ ରୋଗୀଙ୍କୁ ଭେଟି ରକ୍ତ ନମୁନା ସଂଗ୍ରହ କରିଛି । ଯଦିଓ ରୋଗୀଙ୍କ ରୋଗର ଲକ୍ଷଣ ଡିପ୍‌ଥେରିଆ ବୋଲି ଜଣାପଡ଼ିଛି, ତେବେ ରିପୋର୍ଟ ମିଳିବା ପରେ ସ୍ପଷ୍ଟ ହେବ । ଅନ୍ୟପକ୍ଷରେ ରାଜଧାନୀରୁ ଡିପ୍‌ଥେରିଆ ଖବର ମିଳିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି ।

ଡିପ୍‌ଥେରିଆ ଏକ ବ୍ୟାକ୍ଟେରିଆଜନିତ ରୋଗ । ଏହା ଶିଶୁଙ୍କ ଠାରେ ଦେଖାଯାଇଥାଏ । ଏହି ବ୍ୟାକ୍ଟେରିଆ ନାକ ଏବଂ ତଣ୍ଟିକୁ ଆକ୍ରାନ୍ତ କରିଥାଏ । ନାକର ଗ୍ରନ୍ଥି ଫୁଲିଯାଏ । ଯାହା ରୋଗୀର ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ହୋଇଥାଏ । ରୋଗୀଙ୍କ ନିଶ୍ୱାସ ପ୍ରଶ୍ୱାସ ମାତ୍ରା ବଢ଼ାଇ ଦିଏ । ରୋଗୀକୁ ଜ୍ୱର ହୋଇଯାଏ । ନିଶ୍ୱାସ-ପ୍ରଶ୍ୱାସ ମାତ୍ରା ଅତ୍ୟନ୍ତ ବଢ଼ିଗଲେ ଶେଷରେ ରୋଗୀଙ୍କ ମୃତ୍ୟୁ ଘଟିଥାଏ ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ସରକାରୀ ଭାବେ ୬ ଜଣ ଡିପ୍‌ଥେରିଆ ରୋଗୀଙ୍କ ମୃତ୍ୟୁ ଘଟିଲାଣି । ଆଦିବାସୀ ବହୁଳ କୋରାପୁଟ ଏବଂ ରାୟଗଡ଼ା ଜିଲ୍ଲାରେ ଅଧିକ ଡିପ୍‌ଥେରିଆ ରୋଗୀ ଚିହ୍ନଟ ହୋଇଥିଲା ବେଳେ ରାୟଗଡ଼ା ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ହୋଇଛି । ଏହି ରୋଗର ସଂକ୍ରମଣ ରୋକିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଷ୍ଟର୍ ଡୋଜ୍ ମଧ୍ୟ ପ୍ରଦାନ କରାଯାଉଛି । ଦୁଇ ଜିଲ୍ଲାରେ ବ୍ୟାପକ ଟେଷ୍ଟିଂ କରାଯାଉଛି ।

ଅନ୍ୟପକ୍ଷରେ ରାଜଧାନୀରେ ଡେଙ୍ଗୁ ଉପରମୁହାଁ ହୋଇଛି । ବର୍ଷା ବଢ଼ିବା ପରେ ପ୍ରତ୍ୟେକ ଦିନ ଗୋଟିଏ କିମ୍ବା ଦୁଇ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଉଛି । ଗତ ୨୭ ତାରିଖ ସୁଦ୍ଧା ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୩୭ ରହିଥିଲା ବେଳେ ଏହା ୪୦ ଅଙ୍କ ଆଡ଼କୁ ମୁହାଁଇଛି ।

# ବର୍ଷା ପାଇଁ ରାଜଧାନୀ ରାସ୍ତା ଜାମ୍



- ରାଜପଥରେ ପାଣି; ଯାତ୍ରୀ ଖୋଜିଲେ ଗଳାବାଟ
- ବର୍ଷା ପାଇଁ କାମ କଲାନି ଟ୍ରାଫିକ୍ ସିଗ୍‌ନାଲ୍
- ଘଣ୍ଟା ଘଣ୍ଟା ଫସି ରହିଲେ ପଥଚାରୀ

ଭୁବନେଶ୍ୱର, ୨୯ ।୬(ସମିସ): ବର୍ଷା ହେଲେ ରାଜଧାନୀ ରାସ୍ତାରେ ପାଣି ଯେତିମି ସମସ୍ୟା ସୃଷ୍ଟି କରୁନି, ସେତିକି ସମସ୍ୟା ସୃଷ୍ଟି କରୁଛି ରାସ୍ତାରେ ଗାଡ଼ିମଟର ଜାମ୍ । ବିଶେଷକରି ରାଜଧାନୀ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ିମଟର ଜାମ୍ ହୋଇଯାଉଛି । ଫଳରେ ଘଣ୍ଟାଘଣ୍ଟା ଧରି ରାଜଧାନୀର ଅବସ୍ଥା ବେହାଲ ହୋଇଯାଉଛି । ଶନିବାର ରାଜଧାନୀରେ ଏଭଳି ଅବସ୍ଥାରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ ରାଜଧାନୀବାସୀ ଓ ରାଜପଥଚାରୀ । ଶନିବାର ଅପରାହ୍ଣରେ ହଠାତ୍ ବର୍ଷା ଉଠାଇଥିଲା । ଏଥିରେ ରାଜଧାନୀର ପ୍ରମୁଖ ଛକଗୁଡ଼ିକରେ ଟ୍ରାଫିକ୍ ସିଗ୍‌ନାଲ୍ କାମ କରି ନ ଥିଲା । ବିଶେଷକରି ଫାୟାର୍ ଷ୍ଟେସନ୍ ଛକରେ ଟ୍ରାଫିକ୍ ସିଗ୍‌ନାଲ୍ କାମ କରି ନ ଥିବାରୁ ଡେଲ୍‌ଟା ଛକରୁ ଆସୁଥିବା ଗାଡ଼ିମଟର ମାଡ଼ି ଆସିଥିଲା । କିନ୍ତୁ ଫ୍ଲାଏଓଭର ତଳେ ଲୋକେ ଭିଡ଼ ଜମାଇଥିବାରୁ ରାଜପଥରେ ଯାନବାହାନ ଠିଆ ହୋଇ ରହିଥିଲା । ଫଳରେ ସିଆର୍‌ପି ଛକରୁ ଆସୁଥିବା ଯାନବାହନଗୁଡ଼ିକ ଦୀର୍ଘ ସମୟ ପର୍ଯ୍ୟନ୍ତ ରାଜପଥରେ ଠିଆ ହୋଇ ରହିଥିଲା । ଯଦିବା ବର୍ଷା ପାଇଁ କମ୍ ପରିମାଣର ଗାଡ଼ି ମଟର ଆସୁଥିଲା ତଥାପି ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା । ସେହିଭଳି ଅଚାନକ ବର୍ଷା ହେବାରୁ ରାଜମହଲ ଫ୍ଲାଏଓଭର ତଳେ ଯାତ୍ରୀମାନେ ଠିଆ ହୋଇ ରହିଥିଲେ । ଫଳରେ ଉଭୟପଟୁ ଆସୁଥିବା ଗାଡ଼ିମଟରଗୁଡ଼ିକ ଆଗକୁ ଯାଇ ନ ପାରି ରାସ୍ତା ଜାମ୍ ହୋଇଯାଇଥିଲା । ରାସ୍ତା ଉପରେ ଲୋକଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା । ବର୍ଷା ସାଙ୍ଗକୁ ରାସ୍ତା ଜାମ୍ ଯୋଗୁଁ ଲୋକେ ରାସ୍ତାକଡ଼ରେ ଗାଡ଼ି ରଖି ଦେଇ ଫ୍ଲାଏଓଭର୍ ତଳେ ଆଶ୍ରୟ ନେଇଥିଲେ । କେବଳ ଫାୟାର୍ ଷ୍ଟେସନ୍ କି ରାଜମହଲ ନୁହେଁ ରାଜପଥ କଡ଼ରେ ଥିବା ଜୟଦେବ ବିହାର, ସିଆର୍‌ପି ଛକ ଆଦି ଅଞ୍ଚଳରେ ମଧ୍ୟ ନିୟମିତ ଭାବେ ସମାନ ପରିସ୍ଥିତି ସୃଷ୍ଟି ହେଉଛି । କେତେକ କ୍ଷେତ୍ରରେ ଯାତ୍ରୀମାନେ ରଙ୍ଗ୍‌ରୁଟ୍‌ରେ ଯାଉଛନ୍ତି ଓ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି ।

କେବଳ ଫ୍ଲାଏଓଭର୍ ତଳେ ଲୋକଙ୍କ ଆଶ୍ରୟ ପାଇଁ ନୁହେଁ ଇସ୍କନ ଆଗରେ ପାଣି ଜମି ଯାଉଥିବାରୁ ଅନେକ ସମୟରେ ଫାୟାର୍ ଷ୍ଟେସନ ପଟୁ ଯାଉଥିବା ଯାତ୍ରୀମାନେ ସିଆର୍‌ପି ଛକରୁ ଏକାମ୍ର କାନନ ରାସ୍ତାରେ ଯାଉଛନ୍ତି । ଏମିତି କି ବଡ଼ବଡ଼ ଯାନବାହାନ ଏହି ରାସ୍ତାରେ ଯିବା ଦ୍ୱାରା ସିଆର୍‌ପିରୁ ଏକାମ୍ର କାନନ ଦେଇ ଜୟଦେବ ବିହାର ଯାଉଥିବା ରାସ୍ତା ଜାମ୍ ହୋଇଯାଉଛି । ରାଜଧାନୀର ପ୍ରମୁଖ୍ ମୁଖ୍ୟ ରାସ୍ତାଗୁଡ଼ିକରେ ପାଣି ଜମିଯିବା ଯୋଗୁଁ ଗଳି ରାସ୍ତାଗୁଡ଼ିକ ଦେଇ ଯାଉଛନ୍ତି । ଯାହା ସହରରେ କୃତ୍ରିମ ଭିଡ଼ ପରିଲକ୍ଷିତ ହେଉଛି ।

# ବାଣିଜ୍ୟ ମେଳାରେ ଲକି ଡ୍ର’ ଅଫର୍




ଭୁବନେଶ୍ୱର, ୨୯ ।୬(ସମିସ): ନବମ ଅନ୍ତର୍ଜାତୀୟ ଭୁବନେଶ୍ୱର ବାଣିଜ୍ୟ ମେଳାରେ ଫ୍ରିଡମ୍ ଅଏଲ ଓ ୱାଣ୍ଡର ୱାଲ୍ଡ ୱାଟର ପାର୍କ ପକ୍ଷରୁ ଦୈନିକ ଲକି ଡ୍ର ସହିତ ମନଲୋଭା ଫର୍ଣ୍ଣିଚର କ୍ରୟ ଓ ବିକ୍ରୟ ଉପରେ ନଗଦ ଛାଡ଼ କରାଯାଉଛି । ଏଥିରେ ପ୍ରତ୍ୟେକ ଦିନ ୧୩ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଫ୍ରିଡମ୍ ଅଏଲ ତରଫରୁ ୫ ଲିଟର ସୋରିଷ ତେଲ ଓ ୧୦ ଜଣଙ୍କୁ ୨ ଲିଟର ତେଲ ତା’ ସହ ୱାଣ୍ଡର ୱାଲ୍ଡ ୱାଟର ପାର୍କ ତରଫରୁ ପ୍ରତ୍ୟହ ୨ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ପାର୍କ ଓ ରେଶୋର୍ଟର ମାଗଣା ଟିକେଟ ପ୍ରଦାନ କରାଯାଉଛି । ଗୃହସ୍ଥୀ ମସଲାର ଷ୍ଟଲରେ ଗୋଟିଏ ମସଲାରେ ଗୋଟିଏ ମାଗଣା ଅଫର୍ ମଧ୍ୟ ଉପଲବ୍ଧ ଅଛି । ସେହିଭଳି ଗୁପ୍ତା ଡିଷ୍ଟ୍ରିବ୍ୟୁଟରଙ୍କ ଷ୍ଟଲ୍‌ରେ ବିପିଏଲ୍ ଓ କେଲଭିନେଟରର ଇଲେକ୍ଟ୍ରୋନିକ୍ସ ରେଞ୍ଜ ଉପରେ ୫ରୁ ୭ ହଜାର ପର୍ଯ୍ୟନ୍ତ ନଗଦ ରିହାତି ରହିଛି । ଏଥର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ସୁଦୂର ବିଶାଖାପାଟଣାରୁ ଆସିଥିବା ଫର୍ଣ୍ଣିଚର ଲାଣ୍ଡର ବିଶାଳ ଓ ମନଲୋଭା ଫର୍ଣ୍ଣିଚରର ସମ୍ଭାର ଆସିଛି । ଫର୍ଣ୍ଣିଚର ଲାଣ୍ଡର ନିର୍ଦ୍ଦେଶକ ସିଦ୍ଧାର୍ଥ ସାବତ କହିଛନ୍ତି, ତାଙ୍କ ସଂଗ୍ରହରେ ବହୁ ନାମୀ ଦାମୀ କମ୍ପାନୀଗୁଡ଼ିକୁ ମାତ୍ ଦେଲା ଭଳି ଓ ଗ୍ରାହକଙ୍କ ପକେଟକୁ ସୁହାଇଲଭଳି ଅନେକ ସାମଗ୍ରୀ ରହିଛି ।

## ଦିନ ୧୧ଟାରୁ ଖୋଲିବ ବାଣିଜ୍ୟିକ ମେଳା

ପ୍ରବଳ ଭିଡ଼ ଯୋଗୁଁ ଦିନ ୧୧ଟାରୁ ଖୋଲିବ ବାଣିଜ୍ୟ ମେଳା । ଆସନ୍ତାକାଲି ରବିବାରରେ ପ୍ରବଳ ଭିଡ଼ ହେବାର ଆଶଙ୍କା ଥିବାରୁ ଏହି ସମୟ ସ୍ଥିର କରାଯାଇଛି । ଶନିବାର ସନ୍ଧ୍ୟାରେ ମେଳା ପରିସରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ପ୍ରବଳ ବର୍ଷା ସତ୍ତ୍ୱେ ଗ୍ରାହକମାନେ ଆସି ନିଜର ଆବଶ୍ୟକୀୟ ସାମଗ୍ରୀ କିଣି ନେଇଥିଲେ । ଲୋକଙ୍କ କିଣାକିଣି ପ୍ରତି ଏଭଳି ଆକର୍ଷଣକୁ ଦୃଷ୍ଟିରେ ରଖି ଓ ସନ୍ଧ୍ୟାରେ ବର୍ଷା ହେଉଥିବା କାରଣରୁ ଆଗାମୀ ୨ ଦିନ ମେଳା ସମୟକୁ ଦ୍ୱିପହର ୨ଟା ପରିବର୍ତ୍ତେ ପୂର୍ବାହ୍ଣ ୧୧ଟାରୁ ଆରମ୍ଭ କରିବା ପାଇଁ ସମୟ ଧାର୍ଯ୍ୟ କରଯାଇଛି । ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ସୁଜିତ୍ ଗୁପ୍ତା ଏହି ସୂଚନା ପ୍ରଦାନ କରିଛନ୍ତି ।

# ମୋବାଇଲ୍ ଛଡ଼ାଇ ଫୋନ୍-ପେ’ରୁ ନେଇଗଲେ ୧.୮ ଲକ୍ଷ

**ଦୁଇ ଗିରଫ, ୭୫ ହଜାର ଟଙ୍କା ଜବତ**



ଭୁବନେଶ୍ୱର, ୨୯।୬ (ସମିସ): ମୋବାଇଲ୍ ଫୋନ ଛଡ଼ାଇ ଫୋନ୍-ପେ’ରୁ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଖାରବେଳ ନଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ୟୁନିଟ୍- ୩ ମସ୍‌ଜିଦ କଲୋନୀର ରଞ୍ଜିତ ରାଉତ (୧୮) ଓ ଏସ୍‌କେ ମୁନା (୨୨) । ସୂଚନା ଅନୁସାରେ, ବୌଦ୍ଧ ଜିଲ୍ଲାର ରଣଜିତ କର୍ଣ୍ଣ ଭୁବନେଶ୍ୱରରେ ଗତ ୨୦ ତାରିଖରେ ମାଳିସାହି ଅଞ୍ଚଳରେ ଥିବା ଏକ ଦୋକାନକୁ ଚା’ ପିଇବା ପରେ ମୋବାଇଲ୍ ଜରିଆରେ ଅନ୍‌ଲାଇନ ପେମେଣ୍ଟ କରିଥିଲେ । ସେହି ସମୟରେ ରଞ୍ଜିତ ଓ ମୁନା ତାଙ୍କ ପଛ ପାଖରେ ଛିଡ଼ା ହୋଇ ଅନ୍‌ଲାଇନ ପେମେଣ୍ଟର ପାସୱାର୍ଡ ମନେ ରଖି ଦେଇଥିଲେ । ଏହାର କିଛି ସମୟ ପରେ ଦୁଇ ଜଣ ମିଶି ରଣଜିତଙ୍କ ହାତରୁ ମୋବାଇଲ୍ ଫୋନ ଛଡ଼ାଇନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଉଭୟ ସେହି ମୋବାଇଲ୍ ଫୋନ ବ୍ୟବହାର କରି ତାଙ୍କ ଆକାଉଣ୍ଟରୁ ମୋଟ ୧ ଲକ୍ଷ ୭୯ ହଜାର ୭୯୩ ଟଙ୍କା ନିଜ ଆକାଉଣ୍ଟ ଓ ଅନ୍ୟ ଦୁଇ ଜଣଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ । ପରେ ସେହି ଦୁଇ ଆକାଉଣ୍ଟଧାରୀଙ୍କୁ କିଛି ଟଙ୍କା ରଖି ବଳକା ଟଙ୍କା ସବୁକୁ ଫେରାଇ ଦେବା ଲାଗି କହିଥିଲେ । ନିଜ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର୍ ହେଉଥିବା ଜାଣିବା ପରେ ରଣଜିତ ସାଇବର୍ ସେଲର ସହାୟତା ନେଇ ଏସ୍‌ବିଆଇ ଆକାଉଣ୍ଟକୁ ବ୍ଲକ୍ କରିଦେଇଥିଲେ ଓ ଏନେଇ ଖାରବେଳ ନଗର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ସେମାନଙ୍କୁ ଗିରଫ କରିବା ସହ ଏକ ମୋବାଇଲ୍ ଫୋନ୍ ଓ ୭୫ ହଜାର ଟଙ୍କା ଜବତ କରିଥିଲା ।

**■ ୭ତମ ନୃତ୍ୟମ ନୃତ୍ୟ ମହୋତ୍ସବ**

# ବାହାରେ ବର୍ଷା, ଭିତରେ ଶିବ ତାଣ୍ଡବ



ଭୁବନେଶ୍ୱର, ୨୯।୬(ସମିସ): ପ୍ରେକ୍ଷାଳୟ ବାହାରେ ଝିପିଝିପି ବର୍ଷା, ଆଉ ଭିତରେ ଓଡ଼ିଶୀ ନୃତ୍ୟରେ ଶିବ ତାଣ୍ଡବ । ଏଭଳି ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା ରବୀନ୍ଦ୍ର ମଣ୍ଡପ ପରିସରରେ । ରାଜା ଡ୍ୟାନ୍ସ ଷ୍ଟୁଡିଓ ଏବଂ ନୃତ୍ୟମ କଳାକ୍ଷେତ୍ର ତରଫରୁ ସପ୍ତମ ନୃତ୍ୟମ ମହୋତ୍ସବର ପ୍ରଥମ ସଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀରେ ଶିବ ତାଣ୍ଡବ ପରିବେଷଣ କରିଥିଲେ ଶିଶୁ କଳାକାର । ଓଡ଼ିଶୀ ନୃତ୍ୟ ଶୈଳୀରେ ଗୁରୁ ବନ୍ଦନାରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ । ପରେ ପରେ ‘ନ ଯା ଯମୁନା...’ ନୃତ୍ୟ ପରିବେଷଣ ହୋଇଥିଲା । ଅନେକ ପ୍ରେକ୍ଷାଳୟବାହାରକୁ ଯିବାକୁ ଇଛା କରିଥିଲେ ମଧ୍ୟ ନୃତ୍ୟର ଆକର୍ଷଣ ତାଙ୍କୁ ଶେଷ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ମଞ୍ଚରେ ଆରମ୍ଭ ଏଭଳି ଗୋଟିଏ ପରେ ଗୋଟିଏ ଓଡ଼ିଶୀ ନୃତ୍ୟ ପରିବେଷଣ ଦେଖିବାକୁ ମିଳିଥିଲା । ଏଥିରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରସାର ଭାରତୀର ଗ୍ରେଡ-ବି କଳାକାର ଆଦ୍ୟାଶା ମିଶ୍ରଙ୍କୁ ‘ନୃତ୍ୟମ ସମ୍ମାନ’ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁରୁ ଅଂଶୁମାନ ମିଶ୍ର, ଗୁରୁ ପୁଷ୍ପିତା ମିଶ୍ର ଯୋଗ ଦେଇଥିଲେ । ଏଥିରେ ରାଜା ଡ୍ୟାନ୍ସ ଷ୍ଟୁଡିଓର ପ୍ରତିଷ୍ଠାତା କୁନି ମିଶ୍ରଙ୍କ ସମେତ ଅଧକ୍ଷ ଗୁରୁ ଶୁଭେନ୍ଦୁ ଦାସ ଯୋଗ ଦେଇଥିଲା ବେଳେ ମଞ୍ଚକୁ ସମୀକ୍ଷା ବେହେରା ପରିଚାଳନା କରିଥିଲେ ।

# ୩ ଷଣ୍ଢ ଉପରେ ଚଢ଼ିଗଲା ହାଇୱା

ବାଲିଅନ୍ତା, ୨୯ ।୬(ସମିସ): ହଂସପାଳ - ଅଭୟମୁଖୀ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବାଲିକାଛିଆ - ବେଣୁପୁର ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ଦ୍ରୁତଗାମୀ ବାଲି ବୋଝେଇ ହାଇୱା ରସ୍ତା ମଝିରେ ଶୋଇଥିବା ୩ଟି ଷଣ୍ଢ ଏବଂ ୨ଟି କୁକୁର ଉପରେ ଚଢ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା । ତେବେ ଦୁର୍ଘଟଣା ଘଟାଇ ହାଇୱା ଚାଳକ ଖସି ପଳାଇବାରେ ସକ୍ଷମ ହୋଇଛି । ଦୁର୍ଘଟଣା ପରେ ଗାଡ଼ିମଟର ଯା’ଆସ କରିବାରେ ସମସ୍ୟା ଉପୁଜିଥିଲା । ଖବର ପାଇ ବାଲିଅନ୍ତା ଥାନା ପୁଲିସ ପହଞ୍ଚି ତଦନ୍ତ କରିଥିଲା । ତେବେ ବାଲିଅନ୍ତା ପୁଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବାରେ ସଫଳ ହୋଇପାରିନି । ଶନିବାର ସକାଳେ ସ୍ଥାନୀୟ ବାସିନ୍ଦା ମୃତ ପ୍ରାଣୀମାନଙ୍କୁ ସ୍ଥାନାନ୍ତର କରିବା ପରେ ଯାତାୟତ ପୁଣି ସ୍ୱାଭାବିକ ହୋଇଥିଲା । ମୃତ ପ୍ରାଣୀ ବିକ୍ଷିପ୍ତ ଭାବେ ପଡ଼ି ରହିବାରୁ ଭାରିଯାନ ଦୀର୍ଘ ସମୟ ଧରି ଅଟକି ରହିଥିଲା ।



**ଆଜି ଅନ୍ତର୍ଜାତୀୟ ଗ୍ରହାଣୁ ଦିବସ**

# ‘ନୂଆ ଗ୍ରହାଣୁର ଅନୁସନ୍ଧାନ ପାଇଁ ନିଆଯାଉଛି ପଦକ୍ଷେପ’

ଭୁବନେଶ୍ୱର, ୨୯।୬(ସମିସ): ଗ୍ରହାଣୁ ଧକ୍କାରେ ଦିନେ ପୃଥିବୀ ନଷ୍ଟ ହୋଇଯିବ । ଏଭଳି ଏକ ଭୟାନକ କଥା ବିଭିନ୍ନ ସମୟରେ ଶୁଣିବାକୁ ମିଳେ । ଲୋକେ ଆତଙ୍କିତ ହୋଇପଡ଼ନ୍ତି । ଲୋକଙ୍କ ମନରେ ପ୍ରଶ୍ନ ଉଠେ, ପ୍ରକୃତରେ କ’ଣ ଏପରି ଘଟିବ? ପୃଥିବୀ କ’ଣ ସତରେ ନଷ୍ଟ ହୋଇଯିବ । ତେଣୁ ଜ୍ୟୋତିର୍ବିଜ୍ଞାନୀ ଓ ବୈଜ୍ଞାନିକମାନେ ଅନ୍ତର୍ଜାତୀୟ ଗ୍ରହାଣୁ ଦିବସ ପାଳନ କରିବା ଅବସରରେ ଗ୍ରହାଣୁ ଧକ୍କା ଦ୍ୱାରା ପୃଥିବୀରେ ହେଉଥିବା ସମ୍ଭାବ୍ୟ ପ୍ରଳୟ ବିଷୟରେ ଅବଗତ କରାଇଥାନ୍ତି । ଏହି ବିପଦ ସମୟରେ କିପରି ନିଜକୁ ସୁରକ୍ଷା ଦିଆଯିବ, ସେ ବିଷୟରେ ସଚେତନତା ସୃଷ୍ଟି ହିଁ ଏଇ ଦିବସର ମୂଳ ଲକ୍ଷ୍ୟ ।

୨୦୧୪ ମସିହାରୁ କିଛି ଜ୍ୟୋତିର୍ବିଜ୍ଞାନୀ ଓ ବୈଜ୍ଞାନିକ ପ୍ରଥମେ ଜୁନ୍ ୩୦ ତାରିଖକୁ ଅନ୍ତର୍ଜାତୀୟ ଗ୍ରହାଣୁ ଦିବସ ରୂପେ ପାଳନ କରିଥିଲେ । ପରେ ୨୦୧୬ ଡିସେମ୍ବରରେ ଜାତିସଂଘର ସାଧାରଣ ଅଧିବେଶନରେ ଏହାକୁ ଅନୁମୋଦିତ କରାଯାଇଛି । ଆଜିକୁ ଠିକ୍ ୧୧୪ବର୍ଷ ତଳେ ଏହି ଦିନ ରୁଷ୍ ସାଇବେରିଆ ଅଞ୍ଚଳର ଥିବା ତୁଙ୍ଗାସ୍କା ନଦୀ ନିକଟରେ ଏକ ଗ୍ରହାଣୁ ଖସିବା ଫଳରେ ସେଠି ପ୍ରାୟ ୨ହଜାର ବର୍ଗ କିଲୋମିଟର ଅଞ୍ଚଳର ଜଙ୍ଗଲରେ ୮ କୋଟିରୁ ଅଧିକ ଗଛ ଓ ପଶୁପକ୍ଷୀ ପୋଡ଼ି ପାଉଁଶ ହୋଇଯାଇଥିଲେ । କିନ୍ତୁ ଏଥିରେ କୌଣସି ମଣିଷ ମୃତାହତ ହୋଇ ନଥିଲେ । ୨୦୦୦ବର୍ଗ କିଲୋମିଟର ଅଞ୍ଚଳ ଏକ ବିରାଟ ଜାଗା ଯାହାକି ଭୁବନେଶ୍ୱର ସହରଠାରୁ ୧୫ଗୁଣ ଓ ମୁମ୍ବାଇ ମହାନଗରଠାରୁ ୩ଗୁଣ । ଯଦି ଏପରି ଗ୍ରହାଣୁ ଆମ ସହରରେ ଖସିବ ତାହା ହେଲେ କେତେ ଲୋକଙ୍କ ପ୍ରାଣ ଯିବ! ଭବିଷ୍ୟତରେ ଏପରି ଘଟଣା ଯେ ନ ଘଟିବ ତାହା କହି ହେବ ନାହିଁ । ତେଣୁ ଏହି ବିଷୟରେ ଭୟଭୀତ ନ ହୋଇ କିପରି ଏହା ଘଟିବ ନାହିଁ ବା ଏହା ପୂର୍ବରୁ କିଭଳି ସୂଚନା ମିଳିବ ସେଥିପାଇଁ ଏବେଠାରୁ ଜ୍ୟୋତିର୍ବିଜ୍ଞାନୀ ଏଭଳି ଗ୍ରହାଣୁମାନଙ୍କୁ ଠାବ କରି ସେମାନଙ୍କ ଗତିବିଧି ଉପରେ ନଜର ରଖିବା ଆରମ୍ଭ କଲେଣି ।

ଆସନ୍ତା ବର୍ଷମାନଙ୍କରେ ନୂଆ ଗ୍ରହାଣୁର ଅନୁସନ୍ଧାନ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି । ବର୍ଷକୁ ୧ ହଜାର ଜାଗାରେ ଏକ ଲକ୍ଷ ଗ୍ରହାଣୁର ଅନୁସନ୍ଧାନ ପାଇଁ ଲକ୍ଷ୍ୟ ରଖି କାର୍ଯ୍ୟ ଆରମ୍ଭ କରାଗଲାଣି । ଭାରତର କେତେକ ସଂସ୍ଥା ଓ ବ୍ୟକ୍ତିବିଶେଷ ମଧ୍ୟ ଏଥିରେ ନିଜକୁ ନିୟୋଜିତ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୨ହଜାର ପିଣ୍ଡ ଠାବ କରାଯାଇଛି । ଯାହାକି ଭବିଷ୍ୟତରେ ପୃଥିବୀରେ ଧକ୍କା ହେବାର ସମ୍ଭାବନା ରହିଛି ଓ ସେସବୁର ଗତିବିଧି ଉପରେ କଡ଼ା ନଜର ରଖାଯାଇଛି । ପିଣ୍ଡଗୁଡ଼ିକୁ ମହାକାଶରେ ଯେପରି ଧ୍ୱଂସ କରାଯାଇ ପାରିବ, ନଚେତ ସେମାନଙ୍କ ଗତିପଥକୁ ବଦଳାଯାଇ ପାରିବ, ସେନେଇ ବୈଜ୍ଞାନିକମାନେ ପରୀକ୍ଷାନିରୀକ୍ଷା କରୁଛନ୍ତି । ଏହାକୁ ପୃଥିବୀ କକ୍ଷ ପଥରୁ ଦୂରେଇବା ପାଇଁ ଅନେକ ଉପାୟମାନ ଚିନ୍ତା କରାଯାଉଛି ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପ୍ରାକ୍ତନ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି । ଅନ୍ତର୍ଜାତୀୟ ଗ୍ରହାଣୁ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରିବା ସହ ଏଥିରେ ସାମିଲ୍ ହେବାକୁ ସେ କହିଛନ୍ତି । ଏହି ଅବସରରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଦିନ ୧୧ଟାରୁ ୧୨ଟା ମଧ୍ୟରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଲୋଚନାଚକ୍ରର ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ଜୁଲାଇ ପହିଲାରୁ ବିଡିଏର ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୯ ।୬(ସମିସ): ପୁଣି ଜୁଲାଇ ୧ରୁ ଆରମ୍ଭ ହେବାକୁ ଯାଉଛି ବିଡିଏ ଅଭିଯୋଗ ଶୁଣାଣି । ଶୁଣାଣି ପ୍ରତ୍ୟେକ ସୋମବାର ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ସାଢ଼େ ଗୋଟାଏ ମଧ୍ୟରେ ଅନୁଷ୍ଠିତ ହେବ । ସରକାରୀ ଛୁଟିରେ ବି ଅଭିଯୋଗ ଶୁଣାଣି ହେବ । ପୂର୍ବରୁ ଅନୁଷ୍ଠିତ ହେଉଥିବା ଏହି ଜନଶୁଣାଣି ମାର୍ଚ୍ଚ ୧୬ ତାରିଖରେ ଓଡ଼ିଶାରେ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି କାରଣରୁ ସ୍ଥଗିତ ରଖାଯାଇଥିଲା ।

# ପାଚେରି ଭାଙ୍ଗିଲା, ଫସଲ ଦଳିଲା



ଭୁବନେଶ୍ୱର, ୨୯।୬(ସମିସ): ଗୁରୁବାର ସକାଳ ସମୟରେ ଚନ୍ଦକା ଅଭୟାରଣ୍ୟରୁ ଶିଖରଚଣ୍ଡୀ ଅଞ୍ଚଳ ପାରି ହୋଇ ପଥରଗାଡ଼ିଆ ଗାଁରେ ଏକ ଜଙ୍ଗଲୀ ହାତୀ ଉପଦ୍ରବ କରିଛି । ଗାଁରେ କିଛି ଲୋକଙ୍କ ଘରର ପାଚେରି ଭାଙ୍ଗିବା ସହ ଫସଲ ନଷ୍ଟ କରିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । କିଛି ଦିନ ତଳେ ଅନ୍ଧାରୁଆ ସମେତ ରାଜଧାନୀ ଉପକଣ୍ଠ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଜନବସିତି ମୁହାଁ ହୋଇ ବିଭିନ୍ନ ସମୟରେ ଉପଦ୍ରବ କରୁଛନ୍ତି । ବନ ବିଭାଗ ଏ ଦିଗରେ କୈଣସି ପଦକ୍ଷେପ ନେଉନାହିଁ । ଏକ ମାଇ ହାତୀଟି ଶିଖରଚଣ୍ଡୀ ପାହାଡ଼ ପାରହୋଇ ନିକଟସ୍ଥ ପଥରଗାଡ଼ିଆରେ ରହୁଥିବା ସ୍ଥାନୀୟ ଲୋକଙ୍କ ପାଚେରି ଭାଙ୍ଗି ବାଡ଼ିରେ ଲଗାଇଥିବା ବିଭିନ୍ନ ଫସଲ ନଷ୍ଟ କରିଥିଲେ । ଏହା ସହ ହାତୀଟି ଦୁଇ ଘଣ୍ଟା ଧରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିଲା । ହାତୀ ଭୟରେ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରୁନାହାନ୍ତି । ହାତୀ ପଲ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଫସଲ ନଷ୍ଟ କରୁଛନ୍ତି ।





## ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୯।୬(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ବିଶ୍ୱନାଥ ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସେବାନିବୃତ୍ତ କର୍ମଚାରୀ ଶ୍ରୀ ସ୍ୱାଇଁଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଶ୍ରୀ ସ୍ୱାଇଁଙ୍କ କର୍ମତତ୍ପରତା ଓ ନିଃସ୍ୱାର୍ଥପର ସେବା ଓ ବ୍ୟକ୍ତିଗତସ୍ତରରେ ସମାଜସେବା ମନୋଭାବ ସର୍ବଦା ପ୍ରଶଂସନୀୟ ହୋଇ ରହିବ। ସେ ବିଭାଗର ଅଭିଜ୍ଞତାସମ୍ପନ୍ନ ଓ ନିଷ୍ଠାପର କର୍ମଚାରୀ ଥିଲେ। ତାଙ୍କ ଅନୁପସ୍ଥିତି ବିଭାଗର ଅନ୍ୟ କର୍ମଚାରୀମାନଙ୍କ ପାଇଁ ଦୁଃଖଦ ରହିବ ବୋଲି ଶ୍ରୀ ସାମଲ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ନିର୍ଗମନ ଶାଖାରେ କାର୍ଯ୍ୟରତ ଶ୍ରୀ ସ୍ୱାଇଁ ନିଜର କର୍ମମୟ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିବା ସହ ବିଭାଗ ତରଫରୁ ପାଇଥିବା ସ୍ନେହ ଓ ଶ୍ରଦ୍ଧା ପାଇଁ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

**ଆଜି ସାମାଜିକ ଗଣମାଧ୍ୟମ ଦିବସ**

# ଜୀବନଶୈଳୀରେ ଗଭୀର ପ୍ରଭାବ ପକାଉଛି ସାମାଜିକ ଗଣମାଧ୍ୟମ

ଭୁବନେଶ୍ୱର, ୨୯।୬(ସମିସ):

ଆଜିର ଯୁବସମାଜ ସର୍ବଦା ପରିବର୍ତ୍ତନ ଏବଂ ନୂତନତାକୁ ଶୀଘ୍ର ଗ୍ରହଣ କରି ନେଉଛନ୍ତି। ବିଗତ ଦୁଇ ଦଶନ୍ଧି ଧରି ଏଭଳି ଏକ ନୂତନତା ଆମ ସମସ୍ତଙ୍କ ଦୈନନ୍ଦିନ ଜୀବନରେ ପ୍ରବେଶ କରିଯାଇଛି, ଯାହାକୁ ବ୍ୟବହାର ନକରି ମୁହୂର୍ତ୍ତେ ରହିବା ଅସମ୍ଭବ। ତାହା ହେଉଛି ସାମାଜିକ ଗଣମାଧ୍ୟମ। ଯାହା ପ୍ରତ୍ୟେକ ମଣିଷଙ୍କ ଜୀବନଶୈଳୀ ସହିତ ଯୋଡ଼ି ହୋଇଯାଇଛି। ଏହାର ବ୍ୟବହାର ଦିନକୁ ଦିନ ବଢୁଥିବାବେଳେ ଯେଉଁ ପରିମାଣରେ ସକାରାତ୍ମକ ପ୍ରଭାବ ରହିଛି ତା'ଠାରୁ ବେଶୀ ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ପୃଥିବୀର ମୋଟ୍ ଜନସଂଖ୍ୟାରୁ ପ୍ରାୟ ୬୦ ପ୍ରତିଶତ ଲୋକେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ତେବେ ଏଥିରେ ନକାରାତ୍ମକ ପ୍ରଭାବ ଅଧିକ ପଡୁଥିବା ଜଣାପଡ଼ିଛି। ସାମାଜିକ ଗଣମାଧ୍ୟମକୁ ସକରାତ୍ମକ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ୨୦୧୦ ମସିହାରୁ ପ୍ରତିବର୍ଷ ଜୁନ୍




୩୦ ତାରିଖକୁ ବିଶ୍ୱ ସାମାଜିକ ଗଣମାଧ୍ୟମ ଦିବସ ବା ୱାର୍ଲଡ ସୋସିଆଲ ମିଡିଆ ଡେ' ପାଳନ କରାଯାଉଛି। ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ଫେସବୁକ୍, ଏକ୍ସ, ସ୍ନାପଚାଟ, ଲିଙ୍କଡଇନ୍ ଭଳି ସାମାଜିକ ଗଣମାଧ୍ୟମ ଆପ୍ ବ୍ୟବହାର କରିବାରେ ଯୁବପିଢ଼ି ଅଧିକାଂଶ ସମୟ ବ୍ୟୟ କରୁଛନ୍ତି।

ଦେଶରେ ସ୍ମାର୍ଟ ଫୋନ୍‌ର ବ୍ୟାବହାର ଯୋଗୁଁ ସାମାଜିକ ଗଣମାଧ୍ୟମର ପ୍ରାଧାନ୍ୟ ମଧ୍ୟ ବୃଦ୍ଧି ପାଇଚାଲିଛି। ସଦ୍ୟ ସମାପ୍ତ ନିର୍ବାଚନରେ ସୋସିଆଲ ମିଡିଆର ବହୁଳ ବ୍ୟବହାର ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ଏହାର ମାତ୍ରାଧିକ ବ୍ୟବହାର ଶାରୀରିକ, ମାନସିକ ଭାବେ କ୍ଷତି ପହଞ୍ଚାଉଛି ଜାଣି ସୁଦ୍ଧା ଏହାକୁ ଦୂରେଇ ଦେବା ଆଜିର ମଣିଷ ସମାଜ ପାଇଁ ଅସମ୍ଭବ ହୋଇପଡ଼ିଲାଣି। ଯଦି ଏହାର ସଦୁପଯୋଗ ବିଷୟରେ ଆଲୋଚନା କରିବା, ତେବେ ମାତ୍ର ଗୋଟିଏ ବଟନ୍ ସାହାଯ୍ୟରେ ପୃଥିବୀର କୋଣ ଅନୁକୋଣରେ ଥିବା ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ସମ୍ଭବ ହୋଇପାରୁଛି। ସୋସିଆଲ୍ ମିଡିଆ ମାଧ୍ୟମରେ ବହୁ କାର୍ଯ୍ୟ ସାଧିତ ହୋଇପାରୁଛି। ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସମ୍ପର୍କରେ ଜାଣି ହୋଇପାରୁଛି। ମହାମାରୀ ସମୟରେ ବିଭିନ୍ନ ସ୍ଥାନରେ ଖବର ପହଞ୍ଚାଇବାରେ ଏହାର ବ୍ୟବହାର ବେଶ୍ ପ୍ରଭାବୀ। ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବାରେ ସାମାଜିକ ଗଣମାଧ୍ୟମ କେବଳ ଏକ ପ୍ରମୁଖ ମାଧ୍ୟମ ସାଜିନି, ବରଂ ମହିଳାଙ୍କ ସମେତ ଅନେକଙ୍କୁ ଆତ୍ମନିର୍ଭରଶୀଳ କରାଇଛି। ବର୍ତ୍ତମାନ ଶହ ଶହ ସଂଖ୍ୟାରେ ୟୁଟ୍ୟୁବର, ଫୁଡ୍ ବ୍ଲଗର୍ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବ୍ୟବସାୟ, ବିଜ୍ଞାପନ, କିଣାବିକାରେ ସାହାଯ୍ୟ କରୁଛି ସାମାଜିକ ଗଣମାଧ୍ୟମରେ। ନିଜ ସୁବିଧା ଓ କୌତୁକ ପାଇଁ ଗୁଡ଼ାଏ ଇମୋଜି ଓ ଚିହ୍ନର ବ୍ୟବହାର ଦ୍ୱାରା ଭାଷାର ପ୍ରକୃତ ବ୍ୟବହାର ନ ହୋଇ ଅନେକ ଅପଶବ୍ଦ ଦ୍ୱାରା ଭାଷା କଳୁଷିତ ହେଉଛି। ନାବାଳକ ବା ୧୮ ବର୍ଷରୁ କମ୍ ବୟସର ପିଲାମାନେ ନାନା ଅସଦାଚରଣର ଶିକାର ହେବା ସହ ଉଚ୍ଚଶିକ୍ଷିତ ମାନେ ମଧ୍ୟ ସାଇବର କ୍ରାଇମ୍‌ର ଶିକାର ଏକ ବଡ଼ ଉଦାହରଣ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହାର ସଦ୍‌ଗୁଣ ଓ ବଦ୍‌ଗୁଣ ଉପରେ ବିଚାର କରି ବହୁଳ ବ୍ୟବହାରକୁ ରୋକି ଯେତିକି ଆବଶ୍ୟକ ସେତିକି ହିଁ ବ୍ୟବହାର କରିବା ଆବଶ୍ୟକ ବୋଲି ମନସ୍ତତ୍ତ୍ୱବିତ୍ ମାନେ ପରାମର୍ଶ ଦେଇଛନ୍ତି।

## କୃଷି ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହ



ଭୁବନେଶ୍ୱର, ୨୯।୬(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ଲାଟିନମ ଜୁବିଲି ସହ ଛାତ୍ର ସଂସଦର ୩ ଦିନିଆ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ ଓୟୁଟିଆର୍ ଇତିହାସରେ କୃଷି ମହାବିଦ୍ୟାଳୟ ଗୌରବମୟ ଅବଦାନ ହୋଇରହିବ ବୋଲି ମତ ବ୍ୟକ୍ତ କରିଥିଲେ। ଓଡ଼ିଶାରେ କୃଷି ବିକାଶ କ୍ଷେତ୍ରରେ କୃଷି ମହାବିଦ୍ୟାଳୟର ଅବଦାନ ବିଷୟରେ ମହାବିଦ୍ୟାଳୟର ଅଧକ୍ଷ ହୃଷୀକେଶ ପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମନୋରଞ୍ଜନ କରଙ୍କ ସହ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହା ସହ ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରତିନିଧି ଆଶୁତୋଷ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିବା ସହ ଛାତ୍ର ସଂସଦର ଚେୟାରମ୍ୟାନ ଶୁଭମ ଦେହୁରୀ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଗତ ବର୍ଷରେ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ତଥା ସମ୍ପ୍ରତି ଛାତ୍ର ସଂସଦର ପ୍ରତିନିଧିଙ୍କୁ ସମ୍ମାନୀତ କରାଯାଇଥିଲା। ଏହା ସହ ବିଶ୍ୱବିଦ୍ୟାଳୟ ପରିସରରେ ନୂତନ ସମ୍ମିଳନୀ କକ୍ଷ ଓ ପ୍ଲାଣ୍ଟ ହେଲଥ୍ କ୍ଲିନିକକୁ କୁଳପତି ଉଦ୍‌ଘାଟନ କରିଥିଲେ।

## 'ଗୋଟିପୁଅ ନୃତ୍ୟ ଏକ ସମସାମୟିକ ପ୍ରତିଫଳନ'



ଭୁବନେଶ୍ୱର, ୨୯।୬(ସମିସ): ବୀରେନ୍ଦ୍ର ପାଣିଙ୍କ ଦ୍ୱାରା ଚିତ୍ରିତ ଏବଂ ଡ. ରାଜଶ୍ରୀ ବିଶ୍ୱାଳଙ୍କ କଳା ନିର୍ଦ୍ଦେଶନାରେ ପ୍ରସ୍ତୁତ 'ବୟ ଡାନ୍ସର: କନଭାରଜେନ୍ସ ଆଣ୍ଡ କୋଣ୍ଟିନୁମ -ଏ ରି ଭିଜିଟିଙ୍ଗ' ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ନିଉ ବ୍ରିଜ୍ ଇଣ୍ଡିଆ ଏବଂ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ମିଳିତ ସହଯୋଗରେ ଚଳିତ ମାସ ୧୪ ତାରିଖରୁ ରାଜ୍ୟ ସଂଗ୍ରହାଳୟ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ ଏହି ପ୍ରଦର୍ଶନୀ ଡ. ରାଜଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଡ. ଭାଗ୍ୟଲିପି ମଲ୍ଲ ସଭାପତିତ୍ୱ କରିଥିବାବେଳେ ଏଥିରେ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଲେଖକ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ, କଳା ସମୀକ୍ଷକ କେଦାର ମିଶ୍ର, ଗୋଟିପୁଅ ଗୁରୁ ଲିଙ୍ଗରାଜ ବାରିକ, ଗୋବିନ୍ଦ ଚନ୍ଦ୍ର ପାଲ, ଗୋଟିପୁଅ ନୃତ୍ୟଶିଳ୍ପୀ ତଥା ମର୍ଦ୍ଦଳ ବାଦକ ଡ. ବିଭୂତି ଭୂଷଣ ଚମ୍ପତି, ଦୁଷ୍ମନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। 'ସମସାମୟିକ କାଳରେ ଗୋଟିପୁଅ ନୃତ୍ୟ-ଏକ ପ୍ରତିଫଳନ' ଶୀର୍ଷକ ଏହି ନୃତ୍ୟର ପରିମାପ ଏବଂ ଦିଗ ଉପରେ ଆଲୋଚନା କରାଯାଇଥିଲା। ଗୋଟିପୁଅ ଉପରେ ଆଧାରିତ ଏହି ଭ୍ରାମ୍ୟମାଣ ପ୍ରଦର୍ଶନୀରେ ଚିତ୍ରକଳା, ଚିତ୍ରାଙ୍କନ, ଫଟୋଗ୍ରାଫି ଏବଂ ଭିଡିଓ ଆଧାରିତ ଚିତ୍ର ପ୍ରଦର୍ଶିତ ହୋଇଥିଲା। ସମାଜର ବିଭିନ୍ନ ବର୍ଗର ଦର୍ଶକ ଏବଂ ଛାତ୍ରୀଚାତ୍ରୀ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବୀରେନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟସ୍ତରରେ ପହଞ୍ଚିବ 'କୁହୁଡ଼ି'

ଭୁବନେଶ୍ୱର, ୨୯।୬(ସମିସ): ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ଅଭିନୀତ ଓଡ଼ିଆ ଚଳଚ୍ଚିତ୍ର 'କୁହୁଡ଼ି' ରଜ ବଜାରରେ ମୁକ୍ତିଲାଭ କରିଥିବା ବେଳେ ସଫଳତାର ସହ ତିନି ସପ୍ତାହରେ ପହଞ୍ଚିଛି। ଏବେ ମଧ୍ୟ ଓଡ଼ିଶାର ୪୦ଟି ହଲ୍‌ରେ ଦର୍ଶକଙ୍କର ରେକର୍ଡ ଭିଡ଼ ଦେଖିବାକୁ ମିଳୁଛି।



ଆଜି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ 'କୁହୁଡ଼ି' ଦେଖି ଜାତୀୟ ପୁରସ୍କାର ପାଇବା ପାଇଁ ଏହି ଚଳଚ୍ଚିତ୍ର ଯୋଗ୍ୟ ବୋଲି ସେ କହିଛନ୍ତି। ଅନୁଭବ ମହାନ୍ତି କୁହୁଡ଼ିରେ ଓକିଲ ଭୂମିକାରେ ନଜର ଆସିଛନ୍ତି। ଅଭିନେତା ଦ୍ୱିପନ୍ୱିତ ଦାସମହାପାତ୍ର, ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର, କୁନା ତ୍ରିପାଠୀ, ଶକ୍ତି ବରାଳ ଓ ସୁକୁମାର ଟୁଡୁ, ସୁଶୀଲ ମିଶ୍ର ଏବଂ ଦୁଇ କୁନି କଳାକାର ପୀହୁ ଓ ଦୀକ୍ଷା ଅଭିନୟ କରିଛନ୍ତି। କ୍ୟାମେରା କୁଇନ ପ୍ରଡ଼କ୍ସନ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର କୁହୁଡ଼ିର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ହିମାଦ୍ରୀ ତନୟା ଦାସ, ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାଢ଼ୀ, ଚିତ୍ରୋତ୍ତଳନ କରିଛନ୍ତି ଅନିଲ କାକ୍ସୀ।

## ଶିଳାଶ୍ରୀ ସାହିତ୍ୟ ପତ୍ରିକାର ବାର୍ଷିକୋତ୍ସବ

ଭୁବନେଶ୍ୱର, ୨୯।୬(ସମିସ): ଶିଳାଶ୍ରୀ ସାହିତ୍ୟ ପତ୍ରିକାର ୧୭ତମ ବାର୍ଷିକ ଉତ୍ସବ ଶନିବାର ବୁଦ୍ଧମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ପ୍ରବଚକ, ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଡ. କୃଷ୍ଣକେଶବ ଷଡ଼ଙ୍ଗୀ, ଆଶାଲତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଳାଶ୍ରୀର ବାର୍ଷିକ ପତ୍ରିକା 'ପରିବାର' ସଂଖ୍ୟା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ପ୍ରମୋଦ ମହାପାତ୍ରଙ୍କୁ 'ଶିଳାଶ୍ରୀ ବାର୍ଷିକ ଗଳ୍ପ ସମ୍ମାନ', ମନୋରମା ପଟ୍ଟନାୟକଙ୍କୁ 'ଶିଳାଶ୍ରୀ କବିତା ସମ୍ମାନ', ରବିନ୍ ଖଣ୍ଡାୟତରାଏଙ୍କୁ 'ସୁଧୀର ବାସନ୍ତୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ନିରୁପମା ରାୟଙ୍କ ସଭାପତିତ୍ୱରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଳାଶ୍ରୀ ପତ୍ରିକାର ସମ୍ପାଦିକା ବାସନ୍ତୀ ଦାସ ସ୍ୱାଗତଭାଷଣ ଦେଇଥିବାବେଳେ ମଞ୍ଜୁଳା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**■ ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ**

## 'ଶିଶୁ ସାହିତ୍ୟକୁ ପ୍ରୋତ୍ସାହିତ କରିବା ଆବଶ୍ୟକ'

ଭୁବନେଶ୍ୱର, ୨୯।୬(ସମିସ): ଶିଶୁ ସାହିତ୍ୟ କ୍ଷେତ୍ରରେ ନୂତନ ପ୍ରତିଭାଙ୍କୁ ପ୍ରୋତ୍ସାହନ, ପ୍ରକାଶକମାନଙ୍କ ଦିଗ୍‌ଦର୍ଶନ ନେଇ ଶିଶୁ




ସାହିତ୍ୟିକ ମାନସ ରଞ୍ଜନ ସାମଲ ଗୁରୁତ୍ୱାରୋପ କରିଛନ୍ତି। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରୀୟ ବାଲ୍ ସାହିତ୍ୟ ପୁରସ୍କାର ବିଜେତା ଶ୍ରୀ ସାମଲ 'ମୋ ଜୀବନ: ମୋ ସୃଜନ' ପ୍ରସଙ୍ଗରେ ବକ୍ତବ୍ୟ ରଖି ତାଙ୍କର ଲେଖକୀୟ ଜୀବନର ପ୍ରେରଣା, ପ୍ରଥମ ଲେଖା ପ୍ରକାଶନ, ପତ୍ରିକା ସମ୍ପାଦନା ଓ ପ୍ରକାଶନରେ ସମସ୍ୟା ତଥା ପାଠକୀୟତା ବୃଦ୍ଧି ପାଇଁ ଉଦ୍ୟମ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। ତାଙ୍କ ସମ୍ପାଦିତ 'ଝୁମୁକା' ଶିଶୁ ପତ୍ରିକାର ବିଭିନ୍ନ ଦିଗ ଉପରେ ମଧ୍ୟ ଉଲ୍ଲେଖ କରିଥିଲେ। ବିଶିଷ୍ଟ ସାହିତ୍ୟିକମାନେ ଶିଶୁ ସାହିତ୍ୟ କ୍ଷେତ୍ରରେ ମନୋନିବେଶ କରି ଭବିଷ୍ୟତ ନାଗରିକଙ୍କ ସୃଜନ କୃତିତ୍ୱକୁ ଉତ୍ସାହ ଦେବାକୁ ସେ ଅନୁରୋଧ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପୌରୋହିତ୍ୟ କରିଥିବାବେଳେ ସଭାପତି ସୂର୍ଯ୍ୟ ମିଶ୍ର ପରିଚାଳନା କରିଥିଲେ। ପ୍ରାରମ୍ଭରେ ଡ. ଜୀବନକୃଷ୍ଣ ମିଶ୍ର ବେଦପାଠ କରିଥିଲେ। ଏହି ଅବସରରେ ଏ ମାସର କବି ଭାବେ ସ୍ୱାଗତିକା ମିଶ୍ର ସ୍ୱରଚିତ କବିତା ପାଠ କରିବା ପରେ ଉପସ୍ଥିତ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ବିଧୁଭୂଷଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ସୌନ୍ଦର୍ଯ୍ୟ ହରାଉଛି ଐତିହ୍ୟ ପୁଷ୍କରିଣୀ**

# ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଛି ପରିବେଶ



ଭୁବନେଶ୍ୱର, ୨୯।୬(ସମିସ):

ରାଜଧାନୀରେ ରହିଛି ଓଡ଼ିଶାର ପ୍ରମୁଖ ଐତିହ୍ୟସ୍ଥଳୀ। ବହୁ ପୁରାତନ ମନ୍ଦିର ପରିସରରେ ରହିଛି ଐତିହ୍ୟ ପୁଷ୍କରିଣୀମାନ। ତେବେ ବହୁ ପୁଷ୍କରିଣୀ ଏବେ ସୌନ୍ଦର୍ଯ୍ୟ ହରାଇବାରେ ଲାଗିଛି। କିଛି ବର୍ଷ ହେଲା ସେସବୁର ଜଳ ଏତେ ଅପରିଷ୍କାର ହୋଇ ଯାଇଛି ଯେ ଜଳ ମନ୍ଦିରରେ ବ୍ୟବହାର ହେଉନାହିଁ। ମୁକ୍ତେଶ୍ୱର ମନ୍ଦିର ପୁଷ୍କରିଣୀ, ରାମେଶ୍ୱର ପୁଷ୍କରିଣୀ, କୋଟି ତୀର୍ଥେଶ୍ୱର ପୁଷ୍କରିଣୀ, କେଦାରଗୌରୀ ମନ୍ଦିର ପୁଷ୍କରିଣୀ ଓ ସୂକ୍ଷ୍ମେଶ୍ୱର ମନ୍ଦିର ପୁଷ୍କରିଣୀ, ମୈତ୍ରେଶ୍ୱର ଭଳି ବହୁ ଐତିହାସିକ ପୁଷ୍କରିଣୀ ମନ୍ଦିର ପରିସରରେ ରହିଛି। ଯେଉଁଗୁଡ଼ିକର ଭିନ୍ନ ଭିନ୍ନ ଐତିହାସିକ ମାନ୍ୟତା ମଧ୍ୟ ରହିଛି। ହେଲେ ଏହି ଐତିହ୍ୟ ପୁଷ୍କରିଣୀ ମଧ୍ୟରୁ ବର୍ତ୍ତମାନ ଅଧିକାଂଶ ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ସେହି ପୁଷ୍କରିଣୀଗୁଡ଼ିକ ତାର ସୌନ୍ଦର୍ଯ୍ୟ ହରାଇଲାଣି। ଅଳିଆ ଆବର୍ଜନା ତଥା ଗଛର ଶୁଖିଲା ପତ୍ର ଡାଳ ଆଦି ପଡ଼ି ନଷ୍ଟ ହୋଇଗଲାଣି। ଫଳରେ ସେହିସବୁ ପୁଷ୍କରିଣୀର ଜଳ ଏବେ ମନ୍ଦିର କାର୍ଯ୍ୟରେ ଲାଗିପାରୁନି ବୋଲି ପୂଜକ ମତ ଦେଉଛନ୍ତି। ପୂଜକଙ୍କ କହିବା ଅନୁଯାୟୀ ଏଏସ୍‌ଆଇ ମନ୍ଦିର କଥା ବୁଝିଲେ ବି ପୁଷ୍କରିଣୀ ପ୍ରତି ବିଶେଷ ଧ୍ୟାନ ଦେଉନାହିଁ। ସେହି ପାଣିକୁ ସଫା କରିବା ସହ ସମୟ ଅନ୍ତରରେ ପାଣି ନିଷ୍କାସନ କରି ବଦଳାଇବା କଥା। ହେଲେ ମାସ ମାସ ବିତିଯାଉଥିଲେ ବି ଏତିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହି ସବୁ ଐତିହ୍ୟ ପୁଷ୍କରିଣୀ ମନ୍ଦିର ପରିସର ଭିତରେ ଥିବାରୁ ଏଠାକୁ ପ୍ରତିଦିନ ଆସୁଥିବା ଶହ ଶହ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥାଏ। ହେଲେ ବର୍ତ୍ତମାନ ସେହି ପୁଷ୍କରିଣୀ ଆକର୍ଷଣ ହରାଇଛି। ପୁରୁଣା ଭୁବନେଶ୍ୱରରେ ଏପରି ଅନେକ ଛୋଟ ବଡ଼ ମନ୍ଦିର ରହିଛି। ତା' ପରିସରରେ ଏଭଳି ଐତିହ୍ୟ ପୁଷ୍କରିଣୀ ମଧ୍ୟ ରହିଛି। ପୁରୁଣା କୀର୍ତ୍ତିରାଜି ସହ ଏହି ପୁଷ୍କରିଣୀଗୁଡ଼ିକ ଯୋଡ଼ି ହୋଇରହିଛି। ସେସବୁର ସୁନ୍ଦର କିମ୍ବଦନ୍ତୀ ମଧ୍ୟ ରହିଛି। ତେବେ ଅନେକ ପୁଷ୍କରିଣୀର ଜଳରେ ସ୍ନାନ କରିବା ତ ବହୁତ ଦୂର, ସ୍ପର୍ଶ କରିବାକୁ ମଧ୍ୟ ଶ୍ରଦ୍ଧାଳୁଙ୍କୁ ସୁଯୋଗ ମିଳୁନି। ପୁଷ୍କରିଣୀଗୁଡ଼ିକ ଏବେ ପରିତ୍ୟକ୍ତ ବା ଅବହେଳିତ ଅବସ୍ଥାରେ ରହିଛି। କେଉଁଠି ଚାରିପଟେ ଘରଦ୍ୱାର ଗଢ଼ି ଉଠିବାରୁ ରାସ୍ତା ବନ୍ଦ ହୋଇଗଲାଣି ତ ପୁଣି ତାହା ନିକଟରେ ଲୋକଙ୍କର ଯାତାୟାତ ମଧ୍ୟ ଆଉ ଆଗଭଳି ନାହିଁ। କେଦାରଗୌରୀ, ମୁକ୍ତେଶ୍ୱର, ରାମେଶ୍ୱର ଆଦି ପୁଷ୍କରିଣୀ ପରିତ୍ୟକ୍ତ ହେବାକୁ ବସିଲାଣି। ଦୃଷ୍ଟି ଆଢୁଆଳରେ ଥିବା ଏଭଳି କିଛି ପୁଷ୍କରିଣୀ ମଧ୍ୟରୁ କେଦାରଗୌରୀ, ଦେବୀ ପାଦହରା, ରାମେଶ୍ୱର, କୋଟି ତୀର୍ଥେଶ୍ୱର, ସୂକ୍ଷ୍ମେଶ୍ୱର, ମୁକ୍ତେଶ୍ୱର ମନ୍ଦିରର ପୁଷ୍କରିଣୀ ପରିତ୍ୟକ୍ତ ହୋଇପଡ଼ିଲାଣି। ଏବେ ବର୍ଷା ଦିନ ଆସିଲାଣି। ଯଦି ଏ ସମସ୍ୟାର ସମାଧାନ କରାନଯାଏ ତେବେ ଆହୁରି ଅପରିଷ୍କାର ହେବା ସହ ମଶା ବଂଶ ବୃଦ୍ଧି ହେବାର ସମ୍ଭାବନା ରହିଛି। ପୁଷ୍କରିଣୀର ନୀଳ ପାଣି ଗାଢ଼ ରଙ୍ଗରେ ପରିଣତ ହେଲାଣି। ଏ ନେଇ କେଦାରଗୌରୀ ମନ୍ଦିର ଅଞ୍ଚଳର ବାସିନ୍ଦା ରାମହରି କୁହନ୍ତି ଏହି ସମସ୍ୟା କାହୁଁ କେବେଠୁ ହେଲାଣି, ମଝିରେ ଥରେ ଦି'ଥର ସଫା ହୋଇଥିଲା, ତେବେ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ପୁଣି ସେହି ପରିସ୍ଥିତି ସୃଷ୍ଟି ହୋଇଛି। ଗଛର ଡାଳ, ପତ୍ର ଓ ଫୁଲ ପଡ଼ିବା ସହ ପାଣି ନିଷ୍କାସନ ନହେବା ହିଁ ଏହାର ପ୍ରମୁଖ କାରଣ ବୋଲି ଅଞ୍ଚଳବାସୀ କୁହନ୍ତି।



## 'ଯୁବ ଗୋଷ୍ଠୀଙ୍କୁ ଏଡ୍‌ସ ସଂକ୍ରମଣରୁ ସୁରକ୍ଷା ଦେବା ଶିକ୍ଷକଙ୍କ ଗୁରୁ ଦାୟିତ୍ୱ'

ଭୁବନେଶ୍ୱର, ୨୯।୬(ସମିସ): ଯୁବବର୍ଗ ଏବଂ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି ପକ୍ଷରୁ ଜୁନିଅର ରେଡକ୍ରସ ସହଯୋଗରେ ଏସ୍‌ଏସ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ଉମରକୋଟରେ ଆୟୋଜିତ ଏକ ଜୋନ୍‌ସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରି କହିଛନ୍ତି। ଏହାସହ ରାଜ୍ୟରେ ଏଡ୍‌ସ ସ୍ଥିତିକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମ ରାଜ୍ୟରେ ୬୦ ହଜାରରୁ ଅଧିକ ଏଡ୍‌ସ ସଂକ୍ରମିତ ରହିଛନ୍ତି। କେବଳ ନବରଙ୍ଗପୁର ଜିଲ୍ଲାରେ ୧୭ ହଜାରରୁ ଅଧିକ ସଂକ୍ରମିତ ରହିଛନ୍ତି। ଏଡ୍‌ସ୍ ବିରୋଧୀ ଏହି ଲଢ଼େଇରେ ଶିକ୍ଷକମାନେ ମାର୍ଗଦର୍ଶକ ସାଜିବେ।

ଏହି ତାଲିମ୍ ଶିବିରରେ ୭ଟି ଜିଲ୍ଲାର ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାରୁ ମୋଟ ୮୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଡ଼ ମଳୟ କୁମାର ବେହେରା, ଜିଲ୍ଲା ଚିକିତ୍ସା ଅଧିକାରୀ, ଓସାକ୍ସର ସହ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନଗୋ, ରାଜ୍ୟ ଜୁନିଅର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ବିକାଶ ସରକାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମରକୋଟ, ପ୍ରଭାତ ପଟ୍ଟନାୟକ, ଆଇପି ନବରଙ୍ଗପୁର, ନାରାୟଣ ପାଇକରାୟ, ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚନ୍ଦ୍ରଶେଖର ପଟ୍ଟନାୟକ, ବିଦ୍ୟାଳୟର କାଉନ୍‌ସିଲର ସଚିନ ସଦ୍‌ଗୋପନ୍ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମ ଲାଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସଭାପତିତ୍ୱ କରିଥିଲା ବେଳେ କାର୍ଯ୍ୟକ୍ରମକୁ ପ୍ରଦୀପ ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ।

